

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



Vol - 21 ✦ Issue No:170 ✦ 16 October 2025 (Thursday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୧୭୦ ✦ ୧୬ ଅକ୍ଟୋବର ୨୦୨୫ (ଗୁରୁବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


## ବିହାର ବିଧାନସଭା ନିର୍ବାଚନ:

# ପ୍ରଥମ ପ୍ରାର୍ଥୀ ତାଲିକା ଜାରି କଲା ଜେଡିୟୁ





ପାଟନା,୧୫।୧୦: ବିହାର ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଜେଡିୟୁ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ମଙ୍ଗଳବାର ଦିନ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ୫୭ ଜଣ ପ୍ରାର୍ଥୀ ଅଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜେଡିୟୁ ଏଲଜେପି (ରାମ ବିଳାସ) ମୁଖ୍ୟ ଚିରାଗ ପାସୱାନ ଦାବି କରୁଥିବା ଚାରୋଟି ଆସନରେ ମଧ୍ୟ ପ୍ରାର୍ଥୀ ଦେଇଛି । ଜେଡିୟୁ ତାଲିକା ଅନୁଯାୟୀ, ରନନ୍ତେଶ ସଦାଙ୍କୁ ସୋନବର୍ସା, ମୋରୱାରୁ ବିଦ୍ୟାସାଗର ନିଶାଦ, ଏକମାରୁ ଧୁମଲ ସିଂ ଏବଂ ରାଜଗିରରୁ କୌଶଲ କିଶୋରଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି । ଏହି ତାଲିକାରେ ବରିଷ୍ଠ ନେତାମାନଙ୍କ ନାଁ ମଧ୍ୟ ଅନ୍ତର୍ଭୁକ୍ତ । ମନ୍ତ୍ରୀ ବିଜୟ କୁମାର ଚୌଧୁରୀଙ୍କୁ ସରାଇ ରଞ୍ଜନଙ୍କଠାରୁ ଟିକେଟ ଦିଆଯାଇଛି । ଆଲାମନଗରରୁ ନରେନ୍ଦ୍ର ନାରାୟଣ ଯାଦ, ବିହାରୀଗଞ୍ଜରୁ ନିରଞ୍ଜନ କୁମାର ମେହେତା, ସିଙ୍ଘେଶ୍ୱରରୁ ରମେଶ ଋଷି ଦେବ, ମଧେପୁରାରୁ କବିତା ସାହା, ମହିଷୀରୁ ଗନ୍ଧେଶ୍ୱର ଶାହା ଏବଂ କୁଶେଶ୍ୱରରୁ ଅତିରେକ କୁମାର ମୈଦାନକୁ ଓହ୍ଲାଇଛନ୍ତି । ଏନଡିଏ, ଜେଡିୟୁ ଏବଂ ବିଜେପି ସହିତ ସମାନ ସଂଖ୍ୟକ ଆସନରେ, ପ୍ରତ୍ୟେକ ୧୦୧ ଆସନରେ ଲଢ଼ିବ । ଜେଡିୟୁ ପ୍ରାର୍ଥୀଙ୍କ ଏହି ତାଲିକା ତାର ସହଯୋଗୀ ଦଳଗୁଡ଼ିକ ସହିତ ଆସନ ବଂଟନ ଉପରେ ଏକ ଚୁକ୍ତିନାମାରେ ପହଂଚିବା ପରେ ପ୍ରକାଶ କରାଯାଇଛି । ଦଳର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା କହିଛନ୍ତି ଯେ, ଏନଡିଏ ସମ୍ପୂର୍ଣ୍ଣ ଏକଜୁଟ ଏବଂ ବିହାରର ବିକାଶ ପ୍ରସଙ୍ଗରେ ନିର୍ବାଚନ ଲଢ଼ିବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସନ୍ତାକାଲି ତାଙ୍କର ପ୍ରଚାର ଆରମ୍ଭ କରିବେ । ସେ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲରେ ମଧ୍ୟ ଯୋଗଦେବେ ଏବଂ କୋସୀ ଅଂଚଳରେ କ୍ୟାମ୍ପ କରିବା ସମୟରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ । ପ୍ରଥମ ଥର ପାଇଁ, ଜେଡିୟୁ ଦ୍ୱାରା ଜାରି ହୋଇଥିବା ତାଲିକାରେ ୪ ଜଣ ମହିଳାଙ୍କୁ ସାମିଲ କରାଯାଇଛି । ଅନ୍ୟପକ୍ଷରେ କଂଗ୍ରେସ-ଆରଜେଡି କଳିଭିତରେ ମହାଗଠବନ୍ଧନ ଏପର୍ଯ୍ୟନ୍ତ ଆସନ ବଂଟନ ଚୁକ୍ତିରେ ପହଂଚି ପାରି ନାହିଁ। ପାଟନା ଓ ଦିଲ୍ଲୀରେ ଆଲୋଚନା ସତ୍ତ୍ୱେ ଉଭୟ ଆରଜେଡି ଓ କଂଗ୍ରେସ ଆସନ ବଂଟନକୁ ନେଇ ମତଭେଦ ଦୂର କରିବା ପାଇଁ ସଂଘର୍ଷ କରୁଛନ୍ତି। ୨୦୨୦ରେ କଂଗ୍ରେସ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଏଥର ବି ପ୍ରଥମେ ୭୦ଟି ଆସନ ଦାବି କରିଥିଲା ।

# ନୂଆପଡ଼ା ଉପନିର୍ବାଚନ:

## ଜୟ ଢୋଲକିଆ ହେଲେ ବିଜେପି ପ୍ରାର୍ଥୀ



ଭୁବନେଶ୍ୱର,୧୫/୧୦(ନି/ପ୍ର):ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ହେଲେ ବିଜେପି ପ୍ରାର୍ଥୀ। ଗତ ୧୧ ତାରିଖରେ ବିଜେପିରେ ମିଶିଥିଲେ। ୧୬ ତାରିଖରେ ନାମାଙ୍କନ ଭରିବେ ଜୟ। ଜୟ ?ଢୋଲକିଆଙ୍କ ନାମାଙ୍କନରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୧୬ ତାରିଖରେ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ। ଆଗାମୀ ୧୬ ତାରିଖରେ ନୂଆପଡ଼ା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ରହିବେ। ଆଜି ଏଭଳି ସୂଚନା ଦେଇଛନ୍ତି ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର। ସେ ଆହୁରି ଜୋର୍ ଦେଇ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୫୦ ହଜାରରୁ ଅଧିକ ଭୋଟରେ ବିଜୟୀ ହେବେ। ବିଜେଡି ଏଯାଏ ପ୍ରାର୍ଥୀ ସ୍ଥିର କରିପାରିନାହିଁ। ତେଣେ କଂଗ୍ରେସକୁ ଲୋକେ ପସନ୍ଦ କରୁନାହାନ୍ତି। ଏଣୁ ବିଜେପି ଏଠାରେ ଜିତିବା ସୁନିଶ୍ଚିତ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ନୂଆପଡ଼ା ରାଜନୀତିରେ ଏକ ବଡ଼ ହଟଚମଟ ଦେଖିବାକୁ ମିଳିଥିଲା। ଗତ କିଛି ଦିନ ହେଲା ନୂଆପଡ଼ା ଉପନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶା ବାନ୍ଧି ପ୍ରଚାର କରୁଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ସମସ୍ତଙ୍କୁ ବିସ୍ମିତ କରି ବିଜେପିରେ ଯୋଗ ଦେଇଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟଙ୍କୁ ପ୍ରାର୍ଥୀ କରିବାକୁ ବିଜେଡି ଏକପ୍ରକାର ନିଶ୍ଚିତ କରିଥିଲା ଓ କେବଳ ଘୋଷଣା ବାକି ଥିଲା। କିନ୍ତୁ ଜୟ ଶଙ୍ଖ ଶିବିର ଛାଡ଼ି ପଦ୍ମ ଧରିଥିଲେ। ଏପରିକି ଖୁବ୍‌ଶୀଘ୍ର ବିଜେପି ଜୟ ଢୋଲକିଆଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିପାରେ ବୋଲି ଚର୍ଚ୍ଚା ହେଉଥିଲା।

# ଯୋଧପୁରରେ ଜଳିଗଲା ବସ୍ ୨୦ ଯାତ୍ରୀ ଜୀବନ୍ତ ଦଗ୍ଧ



ରାଜସ୍ଥାନ,୧୫/୧୦:ରାଜସ୍ଥାନର ଯୋଧପୁରରେ ଜଳିଗଲା ବସ । ୨୦ ଯାତ୍ରୀ ଜୀବନ୍ତଦଗ୍ଧ । ଯୋଧପୁର ରାଜପଥରେ ଏକ ଭୟାନକ ବସ୍ ଦୁର୍ଘଟଣାରେ ୨୦ ଜଣ ଯାତ୍ରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି । ଜୈସଲମେରରୁ ୨୦ କିଲୋମିଟର୍ ଦୂରରେ ଅବସ୍ଥିତ ୱାର୍ ମ୍ୟୁଜିୟମ୍ ନିକଟରେ ଏକ ଘରୋଇ ବସ୍‌ରେ ହଠାତ ନିଆଁ ଲାଗି ଏହା ସଂପୂର୍ଣ୍ଣ ଜଳିଯାଇଛି । ବସ୍ ?ରେ ୫୭ ଜଣ ଯାତ୍ରୀ ଥିବା ୨୦ ଜଣଙ୍କ ମୃତ୍ୟୁ ସଂପର୍କରେ ସୂଚନା ମିଳିଛି । ଅଧିକାଂଶ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି । ବସଟ ଜୈସଲମେରରୁ ଯୋଧପୁରକୁ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଯାତ୍ରା କରୁଥିବା ସୟମରେ ବସ୍‌ର ପଛ ଭାଗରୁ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା । ଏବଂ କିଛି ମିନିଟ୍ ମଧ୍ୟରେ ପୂରା ବସ୍ ଏକ ଅଗ୍ନିପିଣ୍ଡୁଳା ପାଲଟି ଯାଇଥିଲା । ଜୀବନ ବଚାଂଇବା ପାଇଁ କବାଟ ଓ ଝରକା ଦେଇ ବାହାରିବାକୁ ଉଦ୍ୟମ କରିଥିଲେ ଯାତ୍ରୀ । କିନ୍ତୁ ଅଧିକାଂଶ ବିଫଳ ହୋଇଥିଲେ । ଖବର ପାଇ ନିକଟସ୍ତ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରାଥମିକ ତଦନ୍ତରୁ ବସ୍‌ରେ ସଟ୍ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । କିନ୍ତୁ ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ ହୋଇନାହିଁ ।

# ୨ମାସ ପରେ ହଟିଲା ପ୍ରତିବନ୍ଧକ

## ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ

ନୂଆଦିଲ୍ଲୀ,୧୫/୧୦: ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ। ୨ମାସ ତଳେ ସମସ୍ତ ପାର୍ସଲକୁ ସ୍ଥଗିତ ରଖାଯାଇଥିଲା। ହେଲେ ଏବେ ଭାରତୀୟ ଡାକ ବିଭାଗ ଆମେରିକାକୁ ସମସ୍ତ ବର୍ଗର ଆନ୍ତର୍ଜାତୀୟ ଡାକ ସେବା ପୁନଃଆରମ୍ଭ କରିଛି। ଭାରତ ଚଳିତ ବର୍ଷ ଅଗଷ୍ଟରେ ଆମେରିକାକୁ ଅସ୍ଥାୟୀ ଭାବରେ ଡାକ ସେବା ସ୍ଥଗିତ କରିଥିଲା। ଯେତେବେଳେ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଦ୍ୱିଗୁଣିତ କରିଥିଲେ ଏବଂ କଷ୍ଟମ୍ ନିୟମ ପରିବର୍ତନ କରିଥିଲେ, ସେତେବେଳେ ଭାରତୀୟ ଡାକ ବିଭାଗ ଏହି ପ୍ରତିବନ୍ଧକ ଲଗାଇଥିଲା। ଏବେ ୨ମାସ ପରେ ପ୍ରତିବନ୍ଧକ ହଟିବାରୁ ଭାରତ ଏବଂ ଆମେରିକା ମଧ୍ୟରେ ଅଟକି ରହିଥିବା ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଆଗକୁ ବଢ଼ିବା ପରି ମନେ ହେଉଛି। କାରଣ ଏହି ନିଷ୍ପତି ପୂର୍ବରୁ ଭାରତର ଏକ ଟିମ୍ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଏହି ସପ୍ତାହରେ ଆମେରିକା ଯାଉଥିବା ଜଣାପଡ଼ିଥିଲା। ଉଲ୍ଲେଖଯୋଗ୍ୟ, ୨୨ ଅଗଷ୍ଟ, ୨୦୨୫ରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି ହୋଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ସଂଖ୍ୟା ୧୪୩୨୪ ପରେ ଆମେରିକାକୁ ଡାକ ସେବା ସ୍ଥଗିତ କରାଯାଇଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ, ୮୦୦ ଡଲାର ପର୍ଯ୍ୟନ୍ତ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ପ୍ରତ୍ୟାହାର କରାଯାଇଥିଲା ଏବଂ କେବଳ ୧୦୦ ଡଲାର ପର୍ଯ୍ୟନ୍ତ ସାମଗ୍ରୀକୁ ଛାଡ଼ କରାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଅଭିଯୋଗ କରିଥିଲା ଯେ, ଭାରତ ରୁଷୀୟ ତେଲ କିଣି ୟୁକ୍ରେନ ଯୁଦ୍ଧରେ ପୁଟିନଙ୍କୁ ଆର୍ଥିକ ସହାୟତା କରୁଛି।



# ହମାସକୁ ଟ୍ରମ୍ପଙ୍କ ଚେତାବନୀ, ତୁରନ୍ତ ଅସ୍ତ୍ର ଛାଡ଼:



ନୂଆଦିଲ୍ଲୀ,୧୫/୧୦:ହମାସ ଓ ଇସ୍ରାଏଲ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ଗାଜାକୁ ଫେରିଛି ଶାନ୍ତି। କିନ୍ତୁ ବାସ୍ତବରେ ସବୁ କିଛି ଅଲଗା । ଅସ୍ତ୍ରବିରତି ନେଇ ସହମତି ଦେଖାଇ ଥିବା ହମାସ ସମ୍ପୂର୍ଣ୍ଣ ଭାବରେ ଅସ୍ତ୍ର ଛାଡିବାକୁ ମନା କରିଦେଇଛି। ଏହାଛଡା ଗାଜାରେ ୮ ଜଣଙ୍କୁ ଗୁଳିକରି ହତ୍ୟା କରିବା ପରେ ଟ୍ରମ୍ପଙ୍କ ପ୍ରତିକ୍ରିୟା ଆସିଛି ।ହମାସକୁ ଚେତାବନୀ ଦେଇ ଟ୍ରମ୍ପ ତୁରନ୍ତ ଅସ୍ତ୍ର ଛାଡୁ। ନଚେତ ହିଂସାତ୍ମକ ବାଟରେ ଛଡାଇ ନେବୁ। ହ୍ୱାଇଟ ହାଉସରେ ଆର୍ଜେଂଟିନା ରାଷ୍ଟ୍ରପତି ହାଭିୟର ମିଲେଇଙ୍କ ସହ ବୈଠକ ବେଳେ ଟ୍ରମ୍ପ ଏହି ବୟାନ ଦେଇଥିଲେ। ଗତ ସୋମବାର ହମାସର ଏକ ନୂଆ ଭିଡିଓ ସାମନାକୁ ଆସିଛି। ଏଥିରେ କିଛି ଲୋକଙ୍କୁ ହମାସ ଗୁଳିକରି ହତ୍ୟା କରିଛି। ହମାସ ଏହାକୁ ଆଇନ ବ୍ୟବସ୍ଥାରେ ସୁଧାର ବୋଲି କହିଛି। ତେବେ ଏହି କାର୍ଯ୍ୟାନୁଷ୍ଠାନକୁ ଅସ୍ତ୍ରବିରତି ଏବଂ ଅସ୍ଥିର କରିବା ଭଳି ପଦକ୍ଷେପ ବୋଲି କହିଛି ଆମେରିକା ଓ ଇସ୍ରାଏଲ। ଏହି ଘଟଣା ପରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ଟ ଟ୍ରମ୍ପଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି ହମାସ କହୁଛି ଅପରାଧୀଙ୍କୁ ହତ୍ୟା କରିଛି। ଏଥିରେ ମୋର କୌଣସି ଆପତି ନାହିଁ। ତେବେ ହମାସକୁ ହତିଆର ଛାଡି ଦେବା ଉଚିତ। ଯଦି ଏଭଳି ନକରେ ତେବେ ଆମେ ତାଙ୍କଠାରୁ ହିଂସାତ୍ମକ ବାଟରେ ଛଡାଇବୁ। ଟ୍ରମ୍ପ କହିଛନ୍ତି ପୂର୍ବରୁ ବି ହମାସକୁ କହିସାରିଛି ଅସ୍ତ୍ର ଛାଡିବାକୁ, ସେମାନେ ଏଥିରେ ରାଜି ହୋଇଛନ୍ତି। ଏବେ ତାହା ନମାନିଲେ ଚରମ ପଦକ୍ଷେପ ନେବୁ। ତେବେ ଟ୍ରମ୍ପ ଏହା ସ୍ପଷ୍ଟ କରିନାହାନ୍ତି ହମାସଠାରୁ କିଭଳି ହତିଆର ଛଡାଇବେ। ଏଥିରେ କିଏ ସାମିଲ ହେବ। ହମାସଠାରୁ ହତିଆର ଛଡାଇବା ଟ୍ରମ୍ପଙ୍କ ୨୦ ସୁତ୍ରୀୟ ଗାଜା ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିନ୍ତୁ ପାଲେଷ୍ଟନୀୟ ଗୋଷ୍ଠୀ ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପାଇଁ ମନା କରିଦେଇଥିଲା। ଇସ୍ରାଏଲ ଏବଂ ଇଜିପ୍ଟ ଗସ୍ତ ଶେଷ କରିବାର କିଛି ଘଟାଂ ପରେ, ଟ୍ରମ୍ପ ତାଙ୍କର ଗାଜା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ମଧ୍ୟ କରିଛନ୍ତି। ସେ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ପ୍ରତିଶ୍ରୁତି ଅନୁଯାୟୀ, ମୃତକମାନଙ୍କୁ ଫେରାଇ ଅଣାଯାଇ ନାହିଁ! ଦ୍ୱିତୀୟ ପର୍ଯ୍ୟାୟ ଏବେ ଆରମ୍ଭ ହେଉଛି। ସମସ୍ତ ୨୦ ବନ୍ଧକ ଫେରିଆସିଛନ୍ତି। ଆଶାଠାରୁ ଅଧିକ ଆଶ୍ୱସ୍ତି ଲାଗୁଛି, ଯେମିତି ଗୋଟେ ବଡ଼ ବୋଝ ଚାଲିଗଲା ସେଭଳି ଲାଗୁଛି, କିନ୍ତୁ କାମ ଏବେ ବି ପୁରା ହୋଇନି। ଉଲ୍ଲେଖନୀୟ ଯେ, ଶୁକ୍ରବାର ଗାଜାରେ ଅସ୍ତ୍ରବିରତି ଲାଗୁ କରାଯାଇଛି। ହମାସ ଓ ଇସ୍ରାଏଲ ପକ୍ଷରୁ ହେଉଥିବା ଆକ୍ରମଣ ଥମିଛି। ହମାସ ୨୦ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିଛି।

## ନଚେତ ଆମେ...,ଦ୍ୱିତୀୟ ପର୍ଯ୍ୟାୟ ଗାଜା ପ୍ଳାନର କଲେ ଘୋଷଣା

# ନୂଆପଡ଼ା ଉପ-ନିର୍ବାଚନ: ପ୍ରାର୍ଥୀପତ୍ର ଦାଖଲ କଲେ ଘାସିରାମ



ନୂଆପଡ଼ା,୧୫/୧୦(ନି/ପ୍ର):ନୂଆପଡ଼ା ଉପ-ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଉପସ୍ଥିତିରେ ଘାସିରାମ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ନୂଆପଡ଼ାରେ ଏଥର ଘାସିରାମଙ୍କୁ ପ୍ରାର୍ଥୀ କରି ଉପ-ନିର୍ବାଚନ ବୈତରଣୀ ପାର୍ ହେବାକୁ ଅଙ୍କ କଷୁଛି କଂଗ୍ରେସ । ଆଉ ଏହାରି ଭିତରେ ଘାସିରାମ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଉପ-ନିର୍ବାଚନ ପାଇଁ ଏବେ କଂଗ୍ରେସ ଆଉ ବିଜେପି ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । କଂଗ୍ରେସ ନିଜର ପୁରୁଖା ନେତା ଘାସିରାମଙ୍କୁ ପ୍ରାର୍ଥୀ କରିଥିବାବେଳେ, ବିଜେପି ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିଛି । ଅନ୍ୟପଟେ ବିଜେଡି କାହାକୁ ପ୍ରାର୍ଥୀ କରିବ ସେନେଇ ଏବେ ବି ବିଚାରବିମର୍ଶ ଲାଗି ରହିଛି । ଆଜି ଆଶାୟୀ ପ୍ରାର୍ଥୀଙ୍କୁ ନବୀନ ନିବାସକୁ ଡକରା ହୋଇଥିବାବେଳେ, ସେଠାରେ ବିଜେଡି ନେତାଙ୍କ ସହ ଆଲୋଚନା ଚାଲିଛି । କୁହାଯାଉଛି ଆଜି ସନ୍ଧ୍ୟା ସୁଦ୍ଧା ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିପାରେ । ଜାଣିରଖିବା ଉଚିତ ଯେ, ନୂଆପଡ଼ାର ବିଜେଡି ବିଧାୟକ ଥିବା ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ସେଠାରେ ଉପ-ନିର୍ବାଚନ କରାଯାଉଛି । ଯାହାକି ଏବେ ତିନି ଦଳ ପାଇଁ ଏସିଡ୍ ଟେଷ୍ଟ । ଗୋଟିଏ ପଟେ ବିଜେଡି ନିଜର ଗଡ଼ ବଚାଂଇବାକୁ ଚେଷ୍ଟା କରୁଥିବାବେଳେ, ଅନ୍ୟପଟେ ବିଜେପି ଶାସକ ଦଳ ହିସାବରେ ନୂଆପଡ଼ା ଜିତିବାକୁ ଅଙ୍କ କଷୁଛି । ସେହିପରି କଂଗ୍ରେସ ମଧ୍ୟ ଘାସିରାମଙ୍କୁ ପ୍ରାର୍ଥୀ କରି ନୂଆପଡ଼ାକୁ ନୂଆ ସମ୍ଭାବନା ଭାବେ ଦେଖୁଛି । ତେଣୁ ଏବେ ଦେଖିବାକୁ ବାକି ରହିଲା, ନୂଆପଡ଼ାର ଭୋଟର କାହା ସମର୍ଥନରେ ଅଧିକ ଭୋଟ୍ ଦେଉଛନ୍ତି ।ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତ ଦାସ ଉଭୟ ବିଜେପି ବିଜେଡ଼ିକୁ ଆକ୍ଷେପ କରି ଉଭୟ ଦଳକୁ ଲାଜ ଲାଗିବା କଥା କହିଥିଲେ।

# ଆରପାରିକୁ ଚାଲିଗଲେ 'ମହାଭାରତର' କର୍ଣ୍ଣ



ମୁମ୍ବାଇ,୧୫/୧୦: ଟିଭି ଇଣ୍ଡଷ୍ଟ୍ରିରୁ ଆସିଲା ଦୁଃଖଦ ଖବର । ଆରପାରିକୁ ଚାଲିଗଲେ ଲୋକପ୍ରିୟ ଅଭିନେତା ପଙ୍କଜ ଧୀର। ଆଜି ତାଙ୍କର ଦେହାନ୍ତ ହୋଇଛି। ସେ ବି.ଆର. ଚୋପ୍ରାଙ୍କ ମହାଭାରତରେ କର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ତାଙ୍କର ଘନିଷ୍ଠ ବନ୍ଧୁ ଅମିତ ବହଲ ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେକୁ ପ୍ରତିକ୍ରିୟା ଦେଇ ଏହି ଖବରକୁ ନିଶ୍ଚିତ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସେ କିଛି ବର୍ଷ ହେଲାଣି କର୍କଟ ରୋଗରେ ପୀଡ଼ିତ ଥିଲେ ବୋଲି ଜଣାଯାଇଛି। ସୂଚନା ମୁତାବକ, ପଙ୍କଜଙ୍କୁ କର୍କଟ ରୋଗ ହୋଇଥିଲା ଏବଂ ଏହି ରୋଗ ସହ ଲଢ଼ି ବିଜୟୀ ହୋଇଥିଲେ। କିନ୍ତୁ, ଗତ କିଛି ମାସ ମଧ୍ୟରେ ତାଙ୍କର କର୍କଟ ରୋଗ ପୁଣି ଥରେ ଫେରି ଆସିବାରୁ ଅଭିନେତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଅସୁସ୍ଥତା ଯୋଗୁଁ ତାଙ୍କର ଏକ ବଡ଼ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ସବୁ ପରେ ବି ପଙ୍କଜଙ୍କୁ ବଚାଂଯାଇପାରିଲା ନାହିଁ। ସୋସିଆଲ ମିଡିଆରେ ପଙ୍କଜଙ୍କ ମୃତ୍ୟୁ ଖବର ଭାଇରାଲ ହେବା ପରେ ତାଙ୍କ ପ୍ରଶଂସକଙ୍କୁ ଶକ୍ତ ଝଟକା ଲାଗିଛି। ପ୍ରଶଂସକ ଏବଂ ସେଲିବ୍ରିଟିମାନେ ଏବେ ପଙ୍କଜଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଆରମ୍ଭ କରିଛନ୍ତି। ପଙ୍କଜ ଟିଭି ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟରେ କାମ କରିଥିଲେ। କିନ୍ତୁ ତାଙ୍କୁ ୧୯୮୮ ମସିହାରେ ମୁକ୍ତିଲାଭ କରିଥିବା ବି.ଆର. ଚୋପ୍ରାଙ୍କ 'ମହାଭାରତ'ରୁ ପ୍ରସିଦ୍ଧି ମିଳିଥିଲା। ଏହି ଧାରାବାହିକରେ ଅଭିନେତା କର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଟିଭି ସୋ' ବ୍ୟତୀତ ପଙ୍କଜ ଫିଲ୍ମରେ ମଧ୍ୟ କାମ କରିଥିଲେ। ସେ ଅନେକ ପୌରାଣିକ ସୋ'ର ନଜର ଆସିଥିବା ଦେଖାଯାଇଥିଲା। ଏଥିରେ 'ଚନ୍ଦ୍ରକାନ୍ତା', 'ଦି ଗ୍ରେଟ୍ ମରାଠା' ଭଳି ସୋ' ଅନ୍ତର୍ଭୁକ୍ତ। ସେ 'ସୋଲଜର', 'ବାଦଶାହା', 'ସଡକ' ଭଳି ହିନ୍ଦୀ ଫିଲ୍ମରେ ଉତ୍କୃଷ୍ଟ କାମ କରିଥିଲେ।

# ମୁଣ୍ଡ ପିଛା ବଢ଼ିପାରେ ଚାଉଳ କିଲୋ !



ଭୁବନେଶ୍ୱର,୧୫/୧୦(ନି/ପ୍ର): ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ମୁଣ୍ଡ ପିଛା ବଢ଼ିପାରେ ଚାଉଳ। ଆଗରୁ ରାସନ କାର୍ଡଧାରୀଙ୍କୁ ୫କିଲୋ ଚାଉଳ ମିଳୁଥିଲା। ହେଲେ ଏବେ ସରକାର ଅଧିକ ଚାଉଳ ଦେବାକୁ ଚିନ୍ତା କରୁଥିବା ଜଣାଯାଇଛି। ହିତାଧିକାରୀଙ୍କୁ ୫କିଲୋ ଚାଉଳ ପର୍ଯ୍ୟାପ୍ତ ହେଉନଥିବା ଜାଣି ସରକାର ପରିମାଣରେ ପରିବର୍ତ୍ତନ ଆଣିବାକୁ ଚିନ୍ତା କରୁଛନ୍ତି। ଏହା ଉପରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, '୫କିଲୋ ଜାଗାରେ ଅଧିକ ୫କିଲୋ ଚାଉଳ ଦେବାକୁ ଚିନ୍ତା କରୁଛନ୍ତି ସରକାର। ରାସନ କାର୍ଡରେ ଥିବା ପ୍ରାୟ ୩କୋଟି ୨୫ଲକ୍ଷ ହିତାଧିକାରୀଙ୍କ ସରକାର ୧୦କିଲୋ ଚାଉଳ ଦେବାକୁ ଚିନ୍ତା କରୁଛନ୍ତି। ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଉପରେ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନଥିବାରୁ ଏହି ପରିବର୍ତ୍ତନ କରିବାକୁ ଚିନ୍ତା କରୁଛି ଯୋଗାଣ ବିଭାଗ। ମୁଖ୍ୟମନ୍ତ୍ରୀଙ୍କୁ ଏହି ପରିବର୍ତନ ଉପରେ ମୋହର ଲଗାଇବାକୁ ଫାଇଲ ପଠା ଯିବ। ଏହା ପରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ବରିଷ୍ଠ ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ କ୍ଷମତାରେ ଥିବା ବିଜେପି ସରକାରଙ୍କୁ ସମାଲୋଚନା କରିବା ପରେ ଯୋଗାଣ ମନ୍ତ୍ରୀ ଏଭଳି ଘୋଷଣା କରିଛନ୍ତି । ବିଜେଡି ନେତା କହିଥିଲେ ଯେ, 'ଡବଲ ଇଞ୍ଜିନ ସରକାରରେ ଲୋକେ ହଇରାଣ ହେଉଛନ୍ତି। ରାଜ୍ୟ କଥା କେନ୍ଦ୍ର ଶୁଣୁନାହିଁ। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ଉଠାଉ ନାହିଁ। ଆଉ ଗୋଟେ ପଟେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ରାଜ୍ୟ ସରକାର । ଗରିବ ଲୋକଙ୍କୁ ଚାଉଳ ନଦେବା ପାଇଁ ସରକାର ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ରାସନ କାର୍ଡ କାଟିବାକୁ ସରକାର ପାଲା ଲଗାଇଛନ୍ତି । ବିଜେଡି ଯେତେବେଳେ ସରକାରରେ ଥିଲା, ସେତେବେଳେ ଆମେ କେନ୍ଦ୍ର ଓ ଏଫସିଆଇର ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ରାଜ୍ୟ ସରକାରଙ୍କ ଗୋଟିଏ ଇଶାରାରେ ଚାଉଳ ଉଠିବା କଥା। ହେଲେ ତାହା ହେଉନାହିଁ। ଡବଲ ଇଞ୍ଜିନ ଯୋଗୁଁ ଓଡ଼ିଶାବାସୀ ଛଟପଟ ହେଉଛନ୍ତି ।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


## ଓଃ କେନ୍ଦୁଝରରେ ଦେଶର ଭବିଷ୍ୟତ ବିପଦରେ !




କେନ୍ଦୁଝର,୧୫/୧୦(ନି/ପ୍ର) :ଅସାଧୁ ବେପାରୀ ଆଉ ବେପରୁଆ ଅଧିକାରୀ ଙ୍କ ପାଇଁ କେନ୍ଦୁଝର ରେ ଦେଶର ଆଗାମୀ ପିଢୀ ବିପଦରେ, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶନାମା କୁ ଅସାଧୁ ଶିକ୍ଷା ବେପାରୀ ମାନେ ଫୁ କରି ଉଡାଇଦେଇ ନିଜର ଆର୍ଥିକ ସାମ୍ରାଜ୍ୟ କୁ ଶିଖର କୁ ନେଇଯିବାରେ ତତ୍ପର କିନ୍ତୁ ଏଥିପାଇଁ ଦେଶର ଆଗାମୀ ବଂଶଧର ମାନେ ବିପଦରେ ପଡୁଛନ୍ତି ଏଥିପାଇଁ କେହିବି ଚିନ୍ତିତ ନୁହନ୍ତି, ବିଗତ ବର୍ଷ ରେ ଏକ ଭୟାବହ ଦୁର୍ଘଟଣା ପରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ କାର୍ଯ୍ୟକାରି କରିଥିଲେ, ଏଥିରେ ଛାତ୍ର ଛାତ୍ରୀ ଙ୍କ ଯାତାୟାତ ପାଇଁ ବ୍ୟବହୃତ ଯାନବାହାନ ଗୁଡିକର ସୁରକ୍ଷା ଅନ୍ୟତମ ଥିଲା,କିନ୍ତୁ କିଛି ଦିନ ପରେ ସବୁ ଲଗାମ ବିହୀନ ହୋଇଗଲାଣି, ଛାତ୍ରଛାତ୍ରୀ ଯାତାୟାତ ପାଇଁ କିଛି ଶିକ୍ଷାନୁଷ୍ଠାନ ବ୍ୟବହାର କରୁଥିବା ଯାନବାହାନ ଗୁଡିକରେ ଗୁରୁତର ତ୍ରୁଟି କୁ କେହି ସାମାନ୍ୟତମ ଦୃଷ୍ଟି ମଧ ଦେଉନାହାନ୍ତି, ଅନେକ ଯାନ ଗୁଡିକ ର ଫିଟନେସ, ଇନ୍ସୁରାନ୍ସ, ପଲ୍ୟୁସନ ମଧ ସନ୍ଦେହ ଘେରରେ, ଅଗ୍ନି ସୁରକ୍ଷା ଉପକରଣ ପ୍ରାୟତଃ ନାହିଁ, ଏହା ବ୍ୟତୀତ କୋମଳମତି ପିଲାଙ୍କୁ ଅତି ବିପଦପୂର୍ଣ ଭାବେ ହେୟଜ୍ଞାନ ମଧ୍ୟରେ ପରିବହନ କରାଯାଉଛି,ପ୍ରତିଦିନ ସହରରେ ଏହା ବହୁଳ ଭାବରେ ଦୃଷ୍ଟିଗୋଚର ହେଉଥିବା ବେଳେ ପରିବହନ ବିଭାଗ, ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଆଖି ବୁଜିଦେଇଛି, ଆଉ ଅଭିଭାବକ ମାନେ ନିରୁପାୟ ହୋଇ ନିଜର ଶିଶୁ ମାନଙ୍କୁ ଭଗବାନ ଙ୍କ ଭରସାରେ ଛାଡ଼ିଦେଇ ସବୁବେଳେ ଆଶଙ୍କିତ ରହୁଛନ୍ତି, ସହର ରେ ତିନିଚକିଆ ଅଟୋ, କେତେକ ବସ ରେ ଏ ଦୃଶ୍ୟ ନିତିଦିନିଆ, ଯଦି କିଛି ଅଘଟଣ ଘଟେ ସେତେବେଳେ ଦାୟୀ ଯିଏବି ରହୁନା କାହିଁକି କ୍ଷତି ତ ହେବ ଅଭିଭାବକ ଙ୍କ ର, ଆଜିବି ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନ ରେ ଶିକ୍ଷାଦାନ ଏକ ଲାଭଜନକ ବ୍ୟବସାୟ ହୋଇ ଯାଇଛି, ଅନେକ ଶିକ୍ଷାନୁଷ୍ଠାନ ରେ ଅବସର ପ୍ରାପ୍ତ ପରିଣତ ବୟସର ଶିକ୍ଷକ, ଅଣତାଲିମ ପ୍ରାପ୍ତ ଶିକ୍ଷକ ମାନଙ୍କୁ କମ ଦରମାରେ ନିଯୁକ୍ତି କରି ଅଭିଭାବକ ମାନଙ୍କ ଠାରୁ ବିଭିନ୍ନ ଉପାୟରେ ଅନେକ ଶୋଷଣ କରାଯାଉ ଥିବାର ବହୁ ଗୁରୁତର ଅଭିଯୋଗ ଆସିଲେ ମଧ ପ୍ରଶାସନ ଏଥିପ୍ରତି ନିଘା ନ ଦେବା ବାସ୍ତବିକ ଦୁଃଖଦାୟକ, ଅନେକ ଶିକ୍ଷାନୁଷ୍ଠାନ ଜୋର ଜବରଦସ୍ତ ଭାବେ ସେମାନଙ୍କ ନିର୍ଧାରିତ ଦୋକାନ ମାନଙ୍କରୁ ୟୁନିଫର୍ମ ଚଢା ଦରରେ କିଣିବାକୁ ବାଧ କରୁଥିବାର ମଧ ଗୁରୁତର ଅଭିଯୋଗ କରନ୍ତି ସହର ର ସଂଖ୍ୟାଧିକ ଅଭିଭାବକ, ଆଜି ମଧ ଦିନ ଗୋଟାଏ ବେଳେ ପ୍ରଚଣ୍ଡ ଖରାରେ ସହର ର ଏକ ଛକ ରେ ଏକ ସ୍କୁଲ ବସ ରେ ବହୁ କୋମଳମତି ଶିଶୁ ଓଭରଲୋଡ଼ ମାଲବୋଝେଇ ପରି ବିପଦସଂକୁଳ ଯାତ୍ରା ପରିଲକ୍ଷିତ ହେବାରୁ ବହୁ ପିତାମାତା ଓ ବରିଷ୍ଠ ନାଗରିକ ବୃନ୍ଦ ଚିନ୍ତାପ୍ରକଟ କରିଛନ୍ତି, ଜିଲ୍ଲା ପ୍ରଶାସନ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛାତ୍ର ଛାତ୍ରୀ ଙ୍କ ଯାତାୟାତ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ବାଇକ୍ ଧକ୍କାରେ ୧ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ

ଘଟଗାଁ,୧୫/୧୦(ନି/ପ୍ର): ବାରିପଦା ଛକରେ ବାଇକ୍ ଧକ୍କାରେ ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଦନପୁର ପଂଚାୟତ ପଥରପଦା ଛକରେ ସକାଳ ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ଖପରାଖାଇ ଗ୍ରାମର ପ୍ରଫୁଲ୍ଲ ପେରେଇ ବାଇକ୍‌ରେ ଚାଉଳ ନେଇ ଆସୁଥିବାବେଳେ ପଥର ପଦା ଛକରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ୍ ପ୍ରଫୁଲ୍ଲଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଘଟଣା ସ୍ଥଳରେ ପହଂଚି ଆମ୍ବୁଲାନ୍ସକୁ ଅପେକ୍ଷା ନକରି ପୋଲିସ ଗାଡିରେ ଗୁରୁତର ଆହତ ଙ୍କୁ ସାଇଁକୁଳ ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତରଥିବାରୁ କଟକ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ପ୍ରଫୁଲ୍ଲ ଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

କେନ୍ଦୁଝର, ୧୫/୧୦(ନି/ପ୍ର): କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବେଳା ରାଉତ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଆଧାରରେ ମୌଳିକ ସ୍ତରର ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ଗୁରୁଜୀଗୁରୁମାଙ୍କ ଭୂମିକା ତଥା ଶିଶୁ ଗଠନରେ ମାଆମାନଙ୍କର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇ ମାଆମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଏବଂ ସଦସ୍ୟା ଦୁଲାରୀ କିଷ୍ଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ ଚର୍ଚ୍ଚା ଳାକାଂଶରେ ମାଆମାନଙ୍କର ବିଭିନ୍ନ ପ୍ରଶ୍ନର ଭତର ରଖୁଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଭାଷାଜ୍ଞାନ, ଗଣିତଜ୍ଞାନ, ବିଜ୍ଞାନ ଓ ସାମାଜିକ ଆଧାରିତ, କାହାଣୀ, ଗୀତ, କଳାତ୍ମକ ବିକାଶର ବିଭିନ୍ନ କାଳଂଶ କରାଯାଇଥିଲା। ଏଥିରେ ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣି ପଣ୍ଡା, ମନସ୍ୱିନୀ ଦାଶ, ପୁଷ୍ପାଞ୍ଜଳି ସାହୁ, ଆରତୀ ସାହୁ, ମୌସୁମୀ ରାଉତରାୟ, ପାର୍ବତୀ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗାୟତ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ମାଆଯୋଗ ଦେଇଥିଲେ। ଶିଶୁବାଟିକାର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୂତନ ଗ୍ରାମ ପଂଚାୟତ ଗଠନ ଦାବି ନେଇ ବୈଠକ

ଭଦ୍ରକ,୧୫/୧୦(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ତରାଗୋ ଠାରେ ନୂତନ ଗ୍ରାମ ପଂଚାୟତ ଗଠନ ଦାବୀ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୋବିନ୍ଦପୁର ସମିତି ସଭ୍ୟା ନିଳିମା ଖଟୁଆ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ଖଟୁଆ, ଶ୍ରୀକାନ୍ତ ଦାଶ, କୁଳମଣି ଦାଶ, ବନମାଳୀ ପ୍ରଧାନ, ଗୌରାଙ୍ଗ ଚରଣ ରାଉତ, ମନୋଜ କୁମାର ରାଉତ, ନନ୍ଦ କିଶୋର ବାରିକ, ମାନସ ରଞ୍ଜନ ଦାଶ, ଅଜୟ କୁମାର ରାଉତ, ଶଶୀକାନ୍ତ ସାହୁଙ୍କ ସମେତ ତରାଗୋ, ସୁନାଗଡିଆ, ଚାରିଘରିଆ, ଗଭିଗଡିଆ, ପଙ୍ଗୀରା ଆଦି ଗ୍ରାମର ବହୁ ବୁଦ୍ଧିଜୀବି, ସମାଜସେବୀ ଓ ଅ ଳବାସୀ ମାନେ ଯୋଗ ଦେଇଥିଲେ। ଏବେ ରାଜ୍ୟ ସରକାର ପଂଚାୟତ ପୁନଃର୍ଗଠନ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ତରାଗୋକୁ କିପରି ନୂତନ ଗ୍ରାମ ପଂଚାୟତ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ସରକାରୀ ନିୟମ ଅନୁଯାୟୀ ଗୋଟିଏ ନୂତନ ଗ୍ରାମ ପଂଚାୟତ ଗଠନ ପାଇଁ ୨୫ ଶହ ଭୋଟର ରହିଥିବା ଆବଶ୍ୟକ ରହିଛି। ସେହି ନିୟମ ଅନୁଯାୟୀ ତରାଗୋ ଏକ ନୂତନ ଗ୍ରାମ ପଂଚାୟତ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ତରାଗୋ ରାଜସ୍ୱ ଗ୍ରାମ ୩ଟି ୱାର୍ଡକୁ ନେଇ ଗଠିତ ଏବଂ ଏହାର ପାର୍ଶ୍ୱବର୍ତୀ ଅନ୍ୟ ୪ ୱାର୍ଡ ମଧ୍ୟରେ ସୁନାଗଡିଆ, ଚାରିଘରିଆ, ଗଭିଗଡିଆ, ପଙ୍ଗୀରା ଗ୍ରାମ ରହିଛି। ଏସମସ୍ତ ୭ଟି ୱାର୍ଡରେ ମୋଟ ଭୋଟର ସଂଖ୍ୟା ୪ ହଜାରରୁ ଅଧିକ ହୋଇଥିବାରୁ ଏହା ଗୋଟିଏ ନୂତନ ଗ୍ରାମ ପଂଚାୟତ ଗଠନ ପାଇଁ ଯୋଗ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟ ପକ୍ଷରେ ଗୋବିନ୍ଦପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରୁ ତରାଗୋ ୩କିମି ଏବଂ ସୁନାଗଡିଆ, ଚାରିଘରିଆ ୪କିମି, ଗଭିଗଡିଆ, ପଙ୍ଗୀରା ୫ କିମି ଦୂରରେ ଅବସ୍ଥିତ ହୋଇଥିବାରୁ ଲୋକ ମାନେ ବିଭିନ୍ନ କାର୍ଯ୍ୟରେ ଗୋବିନ୍ଦପୁର ପଂଚାୟତକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ପ୍ରତି ମାସ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ମାନେ ଉକ୍ତ ପଂଚାୟତ ଅଫିସକୁ ଯାଇ ଭତା ଆଣିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ସମସ୍ୟାକୁ ଦୃଷ୍ଟିରେ ରଖି ୭ଟି ୱାର୍ଡର ମଧ୍ୟସ୍ଥଳ ତରାଗୋକୁ ନୂତନ ଗ୍ରାମ ପଂଚାୟତ ମାନ୍ୟତା ଦେବା ପାଇଁ ବୈଠକରେ ଦାବୀ ହୋଇଥିଲା। ଏଥିନେଇ ଉପରୋକ୍ତ ୭ ୱାର୍ଡର ଲୋକ ମାନେ ବିଧାୟକ, ଜିଲାପାଳଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରିବେ ବୋଲି ନିଷ୍ପତି ହୋଇଥିଲା।

## ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

କେନ୍ଦୁଝର, ୧୫/୧୦(ନି/ପ୍ର): ସାରା ରାଜ୍ୟରେ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ପାଳନ କରାଯାଉଛି। ଅବସରରେ ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ପାଟଣା ବଜାରରେ ଆଜି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଗୋପବନ୍ଧୁଙ୍କ ଫୋଟରେ ମାଲ୍ୟାର୍ପଣ କରାଯାଇ ତାଙ୍କର ଆଦର୍ଶକୁ ମନେ ପକାଇ ଥିଲେ। ଆଜି ରାଜ୍ୟ ତାଙ୍କୁ ଜଣେ ମହାପୁରୁଷ ଭାବେ ପୂଜା କରୁଛି। ତାଙ୍କର ସରଳ ଜୀବନ ଯାପନ, ସେବା ଓ ଆଦର୍ଶକୁ ସମସ୍ତେ ମନେପକାଇଥିଲେ। ତାଙ୍କ ଆଦର୍ଶକୁ ଅନୁକରଣ କରି ନିଜକୁ ସେବା ମାର୍ଗରେ ଯିବା ପାଇଁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ଙ୍କ ବିଦ୍ୟାଧର ଦାଶ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ବାରିକ, କୈବଲ୍ୟ ଚୌଧୁରୀ, ମଣୀ ରନ୍ ବାରିକ, ବସୁମତୀ ନାଏକ, ଦିଲ୍ଲୀପ କୁମାର ଦାଶ, ବୈରାଗୀ ନାଏକ, ଗୌର ଚନ୍ଦ୍ର ନାଏକ, ଶ୍ରୀବତ୍ସ ତ୍ରିପାଠୀ, ଭଗବତୀ ନାଏକ, ରୁକ୍ମଣୀ ନାଏକ, ଉଦ୍ଧବ ମହାନ୍ତି, ସମିମ ଆଲାମ ଆଦି ବରିଷ୍ଠ ନେତା ମାନଙ୍କ ସହିତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରୁ ୩ ନାବଳକଙ୍କ ସହ ଜଣେ ନାବାଳିକା ଉଦ୍ଧାର




ଜଳେଶ୍ୱର,୧୫/୧୦(ନି/ପ୍ର): ଖୋର୍ଦ୍ଧାର ଏକ ଘରୁ ଜଳେଶ୍ୱର ଥାନା ପୁଲିସ ୩ ନାବାଳକଙ୍କ ସହ ଜଣେ ନାବାଳିକାକୁ ଉଦ୍ଧାର କରିଛି। ଏହି ୪ ନାବାଳକ ଓ ନାବାଳିକା ଏବେ ଜଳେଶ୍ୱର ପୁଲିସ ହେପାଜତରେ ରହିଥିବା ବେଳେ ଜଣା ପଡିଛି। ଜଳେଶ୍ୱର ଅଂଚଳର ଜଣେ ନାବାଳିକାଙ୍କ ସହ ଅନ୍ୟ ଜଣେ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ଦୁଇଦିନ ତଳେ ନାବାଳିକା ଜଣକ ସେହି ନାବାଳକଙ୍କ ସହ ଫୋନ୍ ରେ କଥା ହେଉଥିବା ପରିବାର ଲୋକେ ଜାଣିବା ପରେ ନାବାଳିକାଙ୍କୁ ଆକଟ କରିଥିଲେ।ପରେ ନାବାଳିକାଙ୍କ ତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ସେହି ନାବାଳକ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ (ସେମାନେ ବି ନାବାଳକ) ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ୍ ନାବାଳକଙ୍କ ମୋବାଇଲକୁ ଟ୍ରାକିଂ କରି ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ୩ ନାବାଳକଙ୍କ ସହ ସେହି ନାବାଳିକାଙ୍କୁ ଉଦ୍ଧାର କରିଛି। ବିବରଣୀରୁ ପ୍ରକାଶ ଯେ ଜଳେଶ୍ୱର ଅଂଚଳର ଜଣେ ନାବାଳିକାଙ୍କ ସହ ଅନ୍ୟ ଜଣେ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ଦୁଇଦିନ ତଳେ ନାବାଳିକା ଜଣକ ସେହି ନାବାଳକଙ୍କ ସହ ଫୋନ୍ ରେ କଥା ହେଉଥିବା ପରିବାର ଲୋକେ ଜାଣିବା ପରେ ନାବାଳିକାଙ୍କୁ ଆକଟ କରିଥିଲେ।ପରେ ନାବାଳିକାଙ୍କ ତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ସେହି ନାବାଳକ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ (ସେମାନେ ବି ନାବାଳକ) ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ୍ ନାବାଳକଙ୍କ ମୋବାଇଲକୁ ଟ୍ରାକିଂ କରି ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ୩ ନାବାଳକଙ୍କ ସହ ସେହି ନାବାଳିକାଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ଏବେ ଜଳେଶ୍ୱର ଥାନାରେ ରଖା ଯାଇଥିବା ବେଳେ ସେମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ପୁଲିସ କୌଣସି ସୂଚନା ଦେବାକୁ ମନା କରିଛି। ନାବାଳକଙ୍କ ମଧ୍ୟରେ ଜଳେଶ୍ୱର ମ୍ୟୁନିସିପାଲିଟିର ଜଣେ କାଉନସିଲରଙ୍କ ପୁଅ ରହିଥିବା କୁହାଯାଇଛି।



ଘଟଗାଁ: ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



## ୩୪ ଟିକିଆ ହାତୀପଲଙ୍କ ଉତ୍ପାତ ୪ଘର ଭାଙ୍ଗିଲା ଉନ୍ମତ ଦନ୍ତା



ପାଟଣା,୧୫/୧୦(ନି/ପ୍ର): ପାଟଣା ବନାଂଚଳରେ ଉପଦ୍ରବ ଜାରି ରଖିଥିବା ୩୦ ଟିକିଆ ହାତୀପଲ ଙ୍କ ସହ ଏହି ଦଳରୁ ପୃଥକ ବୁଲୁଥିବା ୪ ଟିକିଆ ଦନ୍ତାହାତୀଙ୍କୁ ମିଶାଇ ୩୪ ଟି ହାତୀ ପାଟଣା ଅଂଚଳରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ହାତୀପଲ ବ୍ୟାପକ ଧାନଫସଲ ଖାଇବା ସହ ନଷ୍ଟ କରିଥିବା ବେଳେ ଏହି ପଲରୁ ଏକ ଉନ୍ମତ ଦନ୍ତା ବୁଲି ବୁଲି ୪ଟି ଘର ଭାଙ୍ଗିଛି। ଏହି ଦନ୍ତାଟି କେନ୍ଦୁଆପଡାର କଅଁସ ନାଏକ,ବାଳିବନ୍ଧ ର ପ୍ରଭାକର ମହାନ୍ତ, ଝାଲିଆପଡ଼ାର କୁଳମଣି ନାଏକ ଓ ଟାଙ୍ଗରପଡାର ଦୁଃଶାସନ ମୁଣ୍ଡାଙ୍କର ଗୋଟିଏ ଲେଖାଏଁ ମୋଟ ୪ଟି ଘର ଭାଙ୍ଗିଥିବା ଜଣାପଡିଛି। ଏହି ପଲଙ୍କୁ ଦିନବେଳା ଅମାନିଆ ଲୋକମାନେ ଚିଡାଇବା ସହ ଟେକା ପଥର ଫିଙ୍ଗୁଥିବାରୁ ହାତୀପଲ ମଧ ନିଜ ମନ ଇଚ୍ଛା ଯୁଆଡେ ହେଲା ସିଆଡେ ମୁହାଇଁ ଥିବାରୁ କେତେବେଳେ ହାତୀପଲ ଗାଁକୁ ପଶି କାହାଘର ଭାଙ୍ଗିବାରୁ ଅଂଚଳରେ ଭୟର ବାତାବରଣ ଲାଗି ରହିଛି। କ୍ଷତିଗ୍ରସ୍ତ ଘର ଗୁଡିକର କ୍ଷୟକ୍ଷତି ସମ୍ପର୍କରେ ପାଟଣା ବନପାଳ ନିରଞ୍ଜନ ସେଠୀ ଆକଳନ କରିଥିବା ଜଣାପଡିଛି। ଅପର ପକ୍ଷରେ ଗତକାଲି ଠାରୁ ଏହି ବନାଂଚଳ ଅନ୍ତର୍ଗତ ତଣ୍ଡୋ ବିଟ୍ ଅଂଚଳ ଘାଟବାଲିଯୋଡି ନିକଟରେ ୧୩ ଟିକିଆ ହାତୀ ପଲ ଡେରା ପକାଇଥିବା ଜଣାପଡିଛି।

## କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବ ରାଜ୍ୟର ଦ୍ୱିତୀୟ ଆଂଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର




କେନ୍ଦୁଝର/ଭୁବନେଶ୍ୱର,୧୫/୧୦(ନି/ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଂଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଜରଶସକ୍ଟଭବକ୍ଷ ଚକ୍ଷବଭସ୍ପ ଜରଶ୍ୱକ୍ଟଙ୍କକ୍ସମର ଉରଭଶ୍ପକ୍ସର) ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡିଶାର ଦ୍ୱିତୀୟ ଆଂଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରା ଠାରେ ପ୍ରାୟ ୧୩୪ ଏକର ପରିମିତ ଅଂଚଳରେ ପ୍ରତିଷ୍ଠା ହେବ। ଉକ୍ତ ବୈଠକରୁ ଜଣା ପଡିଛି ଯେ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଂଟର, ଇକୋ-ଟୁରିଜିମ ଏବଂ ଗବେଷଣା ଓ ଶିକ୍ଷା ର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ଼ ଉପଲବ୍ଧ ହେବା ସହିତ ଗୋଲାପ, ବାଉଁଶ, କାକଟସ, ଜଙ୍ଗଲୀ ଫଳ ଇତ୍ୟାଦି ମଧ ସ୍ଥାନିତ ହୋଇ ଅଂଚଳର ଶୋଭା ମଣ୍ଡନ କରିବ। ଏହି ଅଂଚଳକୁ ବିଶେଷ ପର୍ଯ୍ୟଟନ ସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷ ତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅଂଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଉରରକ୍ତ୍ର ସ୍ପକ୍ସରଭମଷରଶ୍ପ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନୂତନ ନିର୍ମାଣ ଯୋଗୁଁ ସେହି ସ୍ଥାନ ଦେଇ ବହି ଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୁର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନନିର୍ମାଣ ହେବା ସହିତ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ। ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡିଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ଶ୍ରୀ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଏବଂ ଆଭାସୀ ମାଧମରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଓ କେନ୍ଦୁଝର ଡ଼ିଏଫଓ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଗୁରୁବାର ୧୬ ଅକ୍ଟୋବର ୨୦୨୫**

# ଘାତକ କଫ ସିରପ୍

ବିଷାକ୍ତ କଫ୍ ସିରପ ପିଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨୦ଜଣ ଶିଶୁଙ୍କର ମୃତ୍ୟୁ ଘଟଣା କେବଳ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ମାନ, ଗୁଣବତା ଯାଂଚର ବିଫଳତାକୁ ଦର୍ଶାଉନାହିଁ, ଔଷଧ ଗୁଣବତା ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଔଷଧ କମ୍ପାନୀର ଲାଭଖୋର ମନୋବୃତି ଏବଂ ପ୍ରଶାସନିକ କଳର ଅବହେଳା ଯୋଗୁଁ ଜୀବନ ରକ୍ଷାକାରୀ ଔଷଧ ଜୀବନ ନାଶର କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁର ସ୍ରେସାନ ଫାର୍ମା ଦ୍ୱାରା ପ୍ରସ୍ତୁତ କୋଲଡରିଫ୍ କଫ ସିରପ ଔଷଧ ଏବେ ୨୦ଜଣ ଶିଶୁଙ୍କ ଜୀବନ ନେଇଥିବାବେଳେ ବହୁ ଶିଶୁ ଗୁରୁତର ଅସୁସ୍ଥ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବିଷାକ୍ତ କଫ ସିରପ୍ ଜନିତ ମୃତ୍ୟୁ ସଂଖ୍ୟା ଆହୁରି ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । କୁହାଯାଇଛି ଯେ, ‘କୋଲଡରିଫ’ କଫ ସିରପରେ ଡାଇଥାଇଲିନ ଗ୍ଲାଇକୋଲ (ଡିଇଜି)ର ମାତ୍ରା ଅଧିକ ଥିବାରୁ ଶିଶୁମାନଙ୍କର ପ୍ରାଣହାନୀ ଘଟିଛି । ଯାଂଚ ପରେ ଜଣାପଡିଛି ଯେ, ୪୮.୬ ପ୍ରତିଶତ ଡିଇଜି ରହିଥିବାରୁ ତାହା ଶିଶୁମାନଙ୍କର ବୃକକ୍‌କୁ ନଷ୍ଟ କରିଦେବା ଯୋଗୁଁ ମୃତ୍ୟୁ ଘଟିଛି । ଯାହାକି ଅନୁମତି ପ୍ରାପ୍ତ ମାତ୍ରା ୦.୧ ପ୍ରତିଶତ ଠାରୁ ୪୮୦ ଗୁଣ ଅଧିକ । ପ୍ରଶ୍ନ ଉଠୁଛି ଯେ ସ୍ରେସନ ଫାର୍ମାସ୍ୟୁଟିକାଲ କମ୍ପାନୀ ଦୀର୍ଘ ୨୦ବର୍ଷ ଧରି କୋଲଡରିଫ କଫ ସିରପ୍ ପ୍ରସ୍ତୁତ କରି ଆସୁଥିବାବେଳେ ଅନୁମତି ପ୍ରାପ୍ତ ସୀମା ଠାରୁ ୪୮୦ଗୁଣ ଅଧିକ ବିଷାକ୍ତ ଡିଇଜି ମିଶ୍ରଣ କଲା କିପରି ? ଔଷଧର ଗୁଣବତା ଯାଂଚ ପାଇଁ ଡ୍ରଗ୍ସ୍ ଷ୍ଟାଣ୍ଡାର୍ଡ କଂଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଏ) କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ । ରିପୋର୍ଟ ପ୍ରକାଶ ପାଇଛି ଯେ, ଆମ ଦେଶରେ ଆନୁମାନିକ ୩୫୦୦ ଡ୍ରଗ୍ସ୍ ଇନସ୍‌ପେକ୍ଟର ଅଛନ୍ତି, ଯେଉଁମାନେ କି ଦେଶବ୍ୟାପୀ ପ୍ରାୟ ୧୦,୫୦୦ ଔଷଧ ନିର୍ମାତା କମ୍ପାନୀ ବା ୟୁନିଟକୁ ତଦାରଖ କରିଥାନ୍ତି । ଏହା ନିସନ୍ଦେହ ଯେ, ଔଷଧ ନିର୍ମାତା ୟୁନିଟଗୁଡିକ ତୁଳନାରେ ଡ୍ରଗ୍ସ୍ ଇନସପେକ୍ଟରଙ୍କ ସଂଖ୍ୟା ଯେ ସ୍ୱଳ୍ପ, ଏହା ଯେକୌଣସି ସ୍ୱୀକାର କରିବେ । କେବଳ ଏତିକି ନୁହେଁ, ଆମ ଦେଶରେ ଡ୍ରଗ୍ସ୍ ଇନସପେକ୍ଟର ପଦବୀ ଏକ ଲାଭଦାୟକ ପଦବୀ ଭାବେ ଜଣାଶୁଣା । ଯେଉଁ ପଦବୀର ଭୂମିକା କର୍ତବ୍ୟ, ଦାୟିତ୍ୱବୋଧ ତୁଳନାରେ ଅର୍ଥ ଉପାର୍ଜନ ଅଧିକ ବୋଲି ଅଭିଯୋଗ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶ କିମ୍ବା ବିଦେଶରେ ବିଷାକ୍ତ ଔଷଧ ବା କଫ ସିରାପ୍ ଜନିତ ମୃତ୍ୟୁ ନୂଆ ନୁହେଁ । ଗଲା ପାଂଚ ବର୍ଷ ମଧ୍ୟରେ ଭାରତ ନିର୍ମିତ ଅପମିଶ୍ରିତ ବା ବିଷାକ୍ତ କଫ୍ ସିରପ୍ ଖାଇ ଦେଶ ଓ ବିଦେଶରେ ୧୫୦ରୁ ଉର୍ଦ୍ଧ୍ୱ ଶିଶୁଙ୍କର ମୃତ୍ୟୁ ଘଟିଥିବା କୁହାଯାଏ । ୨୦୨୦ରେ ଜାମ୍ମୁ-କାଶ୍ମୀରରେ ଡିଇଜି ମାତ୍ରା ଅଧିକ ଥିବା କଫ ସିରପ୍ ସେବନ ଦ୍ୱାରା ୧୨ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ଭାରତରେ ନିର୍ମିତ କଫ ସିରପ୍ ଦ୍ୱାରା ଉଜବେକି ସ୍ଥାନରେ ୬୫ଜଣ ଶିଶୁ, ଏହାର ୪ମାସ ପରେ ଗାମ୍ବିଆରେ ୬୬ଜଣ ଶିଶୁଙ୍କର ଜୀବନ ଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏହା ସ୍ପଷ୍ଟ କରିଥିବାବେଳେ ସମ୍ପୃକ୍ତ ରାଷ୍ଟ୍ର ଦ୍ୱୟ ଭାରତରେ ନିର୍ମିତ କଫ ସିରପକୁ ନିଷିଦ୍ଧ କରିଥିଲେ । କିନ୍ତୁ ଭାରତ ସରକାର ଔଷଧ ନିର୍ମାତା କମ୍ପାନୀକୁ ଯାଂଚ କରିବା ପରେ ଅଭିଯୋଗକୁ ଅସ୍ୱୀକାର କରିଥିଲେ । ସରକାରଙ୍କ ହେୟଜ୍ଞାନ ଯୋଗୁଁ ଏବେ ୨୦ଜଣ ଶିଶୁଙ୍କର ଜୀବନ ଯାଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ଏହା ପୂର୍ବରୁ ୧୯୮୬ରେ ଅପମିଶ୍ରିତ କଫ ସିରପ୍ ଦ୍ୱାରା ମୁମ୍ବାଇରେ ୧୪ଜଣ ଶିଶୁଙ୍କର ଜୀବନ ହାନୀ ଘଟିଥିବାବେଳେ ଗୁରୁଗାଁଓରେ ଏକ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ୍ ଦ୍ୱାରା ୧୫୦ ଜଣ ଶିଶୁଙ୍କର କିଡନୀ(ବୃକକ୍) ଫେଲ ଯୋଗୁଁ ଗୁରୁତ୍ୱର ଅବସ୍ଥାରେ ସେମାନଙ୍କୁ ଦିଲ୍ଲୀର କଳାବତୀ ସାରନ୍ ଶିଶୁ ହସପିଟାଲରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩୩ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣାରୁ ଭାରତ ସରକାର କିଛି ଶିକ୍ଷା କରିଥିବା ମନେହୁଏ ନାହିଁ । ଅଥଚ ୧୯୩୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ବିଷାକ୍ତ କଫ ସିରପ୍ ଦ୍ୱାରା ୧୦୫ଜଣ ଶିଶୁଙ୍କର ମୃତ୍ୟୁ ଘଟିବା ପରେ ତୁରନ୍ତ ଆମେରିକା, ସରକାର ୧୯୩୮ରେ ଏହାର ସଂଘୀୟ ଖାଦ୍ୟ ଡ୍ରଗ୍ସ୍ ଏବଂ କସମେଟିକସ୍ ଆଇନର ସଂଶୋଧନ କରି କଠୋର ଆଇନ ପ୍ରଣୟନ କରିବା ସହ କାର୍ଯ୍ୟକାରୀ କରିଥିଲେ । ସେବେଠାରୁ କଫ୍ ସିରପ୍ ଦ୍ୱାରା ଜଣେ ହେଲେ ଶିଶୁର ଜୀବନ ଯାଇନଥିବା କୁହାଯାଏ । ମାତ୍ର ଭାରତ ସରକାର ଏଭଳି ଆଇନ ପ୍ରଣୟନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଉଲ୍ଲେଖଯୋଗ୍ୟ ଯେ, ଭାରତରେ ଉତ୍ପାଦିତ ଜେନେରିକ୍ ଏବଂ ଔଷଧ ବିଶ୍ୱର ୧୫୦ଟି ରାଷ୍ଟ୍ରକୁ ରପ୍ତାନୀ ହୋଇଥାଏ । ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଏବଂ ଆମେରିକୀୟ ରାଜ୍ୟଗୁଡିକରେ ଭାରତରେ ନିର୍ମିତ ଔଷଧ ଓ ଟିକାର ବ୍ୟାପକ ଚାହିଦା ରହିଛି । ଅପମିଶ୍ରିତ ବା ବିଷାକ୍ତ ଔଷଧ ଏବେ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ସଦୃଶ ହୋଇଛି । ଯାହାକି କେବଳ ଦେଶର ସୁନାମକୁ କଳଙ୍କିତ କରିବ ନାହିଁ, ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିବ । ଅବଶ୍ୟ ଏହି ଦୁଃଖଦ ଘଟଣା ପରେ ଭାରତ ସରକାର ଔଷଧର ମାନ କଡାକଡି ଭାବେ ଯାଂଚ କରିବାକୁ ରାଜ୍ୟମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର କୋଲଡରିଫ ସହ ୩ଟି କଫ ସିରପକୁ ନିଷିଦ୍ଧ ଘୋଷଣା କରିଛନ୍ତି । ସେହିପରି ଦେଶବ୍ୟାପୀ ଚୋରାଚାଲାଣ ହେଉଥିବା କଫ ସିରପ୍ ଉପରେ ଚଢାଉ ଜାରି ରହିଛି । ଆମ ରାଜ୍ୟରେ ଶହ ଶହ ବୋତଲ କଫ ସିରପ୍ ଇତିମଧ୍ୟରେ ଜବତ ହୋଇଥିବାବେଳେ ବହୁ ବେପାରୀଙ୍କୁ ଗିରଫ କରାଯାଇଛି । । ଏହା ସତ୍ୱେ ଆମେରିକା ପରି ଦେଶରେ ଅପମିଶ୍ରିତ ବା ବିଷାକ୍ତ କଫ ସିରପ୍ ନିଷିଦ୍ଧ ଲାଗି କଠୋର ଆଇନର ଆବଶ୍ୟକତା ରହିଛି । ବିଟ୍ରିଶ ଅମଳରେ ପ୍ରଣୟନ ହୋଇଥିବା ଡ୍ରଗ୍ସ୍ ଆଣ୍ଡ କସ୍‌ମେଟିକସ୍ ଆକ୍ଟ ୧୯୪୦ର ସଂଶୋଧନ କରିବା ଆବଶ୍ୟକ । ସେହିପରି ବିଷାକ୍ତ ଔଷଧ ନିର୍ମାତାଙ୍କ ପାଇଁ କଠୋରରୁ କଠୋର ଦଣ୍ଡବିଧାନ ଜରୁରୀ । ଏହାଦ୍ୱାରା ଦେଶର ଶିଶୁ ତଥା କାଲିର ନାଗରିକଙ୍କୁ ସୁରକ୍ଷିତ ରଖାଯାଇପାରିବ ।

# ବଜ୍ର ବିପତି ଓ ବିପନ୍ନ ଜୀବନ



ପରିବର୍ତ୍ତନଶୀଳ ପ୍ରକୃତି ଆଗରେ ବେଳେବେଳେ ଏ ଅସହାୟ ମଣିଷଟି ହାରିଯାଏ ସଂଘର୍ଷମୟ ଜୀବନ ଭିତରେ ବି ! ଜୀବନର ମୂଲ୍ୟ ଅମୂଲ୍ୟ ସବୁ ଜାଣି ମଧ୍ୟ ଜୀବନ ଆଜି କେତେକ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଅକାଳରେ ଚାଲିଯାଏ । ବିଚରା ବେଖିଆଲି ମଣିଷଟି ହାରିଯାଏ ପ୍ରକୃତିର ତାଣ୍ଡବ ଆଗରେ । ଋତୁ ପରିବର୍ତ୍ତନର ଚକ୍ରାକାର ମଧ୍ୟରେ ମଣିଷଟି ନିଜର ନିରାପଦ ଜୀବନ ଖୋଜୁ ଖୋଜୁ କେବେ କେବେ ଧକ୍କା ଖାଇଯାଏ, ତାହା ସେ ଜାଣିନଥାଏ । କାରଣ ନିରାପଦ ଜୀବନ ସେତେବେଳେ ଆଉ ତା’ ହାତ ପାଆନ୍ତାରେ ନଥାଏ । ସେ ଯାହାହେଉ, ନିର୍ବୋଧ ଏଇ ମଣିଷ ଜାଣିପାରେନି ପ୍ରକୃତି ଭିତରେ ରହି ଗଛଟିକୁ କାଟିଦେଲେ ସେ ତା’ର କରାଳ ରୂପ ଦେଖେଇବ । ଯେହେତୁ ବୃକ୍ଷଗୁଡ଼ିକର ଅସ୍ତିତ୍ୱ ଉପରେ ହିଁ ମନୁଷ୍ୟ ତଥା ଅନ୍ୟପ୍ରାଣୀଙ୍କ ଜୀବନ ଆଧାରିତ, ଯେମିତିକି ତାଳଗଛଟିଏ ଆଜି ଅଦରକାରୀ ପାଲଟି ଯାଇଛି ମଣିଷ ପାଇଁ ! ଯେଉଁଟା କି ଚାଷୀଭାଇଟିର ଜୀବନ ନାଟିକାର କା’ ନେଇଥାଏ । ଆଜି ବିଲରେ ଚାଷୀଭାଇଟିଏ ତଥା ପଶୁପକ୍ଷୀ ମଧ୍ୟ ମୃତ୍ୟୁମୁଖରେ ପଡ଼ିବାକୁ ମୁହୂର୍ତେ ସମୟ ଲାଗୁନି । ବଜ୍ରପାତର କ୍ରୁର ପ୍ରହାର ତାଙ୍କୁ ସେ ପାରିକୁ ନେଇଯାଉଛି । ଆଜି ଯଦି ବିଲ ହୁଡ଼ାରେ ତାଳଗଛ ପୂର୍ବପରି ଧାଡ଼ି ଧାଡ଼ି ହେଇ ଥାଆନ୍ତା କେତେ ସୁନ୍ଦର ଦୃଶ୍ୟପଟ୍ଟ ସହ ଚାଷୀ ମୃତ୍ୟୁକୁ ମଧ୍ୟ ଏଡ଼ାଇ ହୁଅନ୍ତା ! ଅକ୍ଷତ ଜୀବନ ଆଜି ବିପନ୍ନ ଅବସ୍ଥାରେ ବିଲରେ ପଡ଼ି ରହୁଛି ବଜାପାତର କ୍ରୁର ପ୍ରହାରରେ । ଗାଈଗୋରୁ ମଧ୍ୟ ବାଦ୍ ପଡୁନାହାଁନ୍ତି ! ପୁରୁଖାମାନେ କ’ଣ କିଛି ଅର୍ଥ ନଥାଇ ତାଳଗଛ ରୋପଣ କରିଯାଇଥିଲେ ? ଆମେ ମୂର୍ଖ ତାଙ୍କଠାରୁ ଜନ୍ମ ହୋଇ ପରପିଢ଼ିକୁ ଧ୍ୱଂସମୁଖ ଆଡ଼କୁ ନେଇଯାଉଛୁ । ତାଳଗଛ ଠାରୁ ଜୀବନରକ୍ଷାକାରୀ ବନ୍ଧୁ ବୋଧେ ଚାଷୀଭାଇ ତଥା ମଣିଷ ପାଇଁ ନଗଣ୍ୟ । କିନ୍ତୁ ଆଜି ଗଛଟି ଅଦରକାରୀ ଭାବେ ପରିଗଣିତ ହୋଇ ଧ୍ୱଂସମୁଖୀ ! କୌଣସି ସେବା ଯତ୍ନ ନପାଇ ସେ ମଣିଷର ସେବାରେ ନିଜକୁ ଜଳାଞ୍ଜଳି ଦିଏ ବିନା ସ୍ୱାର୍ଥରେ ! ମଣିଷ ଆଜି ଏତେ କ୍ରୁର, ଅହଂକାରୀ ପାଲଟିଯାଇଛି ଯେ ଗଛଲତା, ପଶୁପକ୍ଷୀ ଇତ୍ୟାଦିଙ୍କୁ ଧ୍ୱଂସମୁଖକୁ ନେଇଯାଉଛି ନିଜର ସ୍ୱାର୍ଥ ଟିକକ ପାଇଁ । ଟିକିଏ ଯଦି ପଛକୁ ଅନେଇ ଦିଅନ୍ତା କେତେ ନିରୀହ ଜୀବନ ରକ୍ଷା ପାଇଯାଆନ୍ତା ତାଳଗଛଟିଏ ପାଇଁ । ଗତ ଦୁଇତିନି ବର୍ଷ ଭିତରେ ବଜ୍ରପାତଜନିତ ଚାଷୀ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି । ତା’ର ହିସାବ ଦେବାକୁ ଆମେ ଓ ଆମର ସରକାର ତଥା ଆମର ସମାଜ ସମସ୍ତେ ନିରବ । ସବୁଦିନ ଖବରକାଗଜର ଜଣା ଅଜଣା ଘଟଣା ଆଜି ଅଜଣା ପୃଷ୍ଠା ଭିତରେ ରହିଯାଉଛି । ତଥାକଥିତ ସଭ୍ୟ ସମାଜ ଓ ସହରି ବାବୁମାନେ ସହରରେ ରହିଯାଉଛନ୍ତି, କିନ୍ତୁ ମଳିମୁଣ୍ଡିଆ ଚାଷୀଭାଇ ତଥା ପଶୁପକ୍ଷୀ ବଜ୍ରପାତରେ ମରି ହଜିଗଲେ ଗାଁ ଲୋକେ କିଛିଦିନ ଭୋକ ଶୋକରେ କାଳ କାଟିବେ ସିନା, ତା’ପରେ କିନ୍ତୁ ମନକୁ ବୁଝାଇ ବିଲରେ ନଖଟିଲେ ନଚଳେ । ଚୁଲିକୁ ହାଣ୍ଡିଟି ଯିବନି ! ତଥାପି ଆଜିର ସମାଜ ବୁଝେନାହିଁ ଯେ, ଚାଷୀ ମୂଲିଆ ବିଲକୁ ନଗଲେ ଆହାର ବନ୍ଦ ସମସ୍ତଙ୍କର । କଥାରେ ଅଛି ପରା ‘ଚାଷ ଅଛି ଯାହାର କି ଆନନ୍ଦ ତାହାର/ ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର’ । ଲାଲ୍ ବାହାଦୁର ଶାସ୍ତ୍ରୀଙ୍କର ସ୍ଲୋଗାନ୍ ‘ଜୟ ଯବାନ୍ ଜୟ କିଷାନ୍’ ଆଜି ବହିପୃଷ୍ଠା ଭିତରେ ଲୁଚିରହିଛି । ନିଜେ ବଚିଂଲେ ବାପର ନାଁ, ଅନ୍ୟ କାହା କଥା ବୁଝିବାକୁ ଆଉ ସମୟ ନାହିଁ କାହାର ! କାହିଁ କେତେଦୂରରେ ବାଇଚଢ଼େଇର ବସାଟିଏ ଦେଖିଲେ ମନରେ ଅସଂଖ୍ୟ ପ୍ରଶ୍ନ ଉଙ୍କିମାରେ । କେତେ ସ୍ମୃତି ଉଜାଗର ହୋଇଉଠେ । ପରିବେଶକୁ ସରସ ସୁନ୍ଦର କରିଥାଏ ତାଳଗଛରେ ବାଇଚଢ଼େଇର ବସାଟିଏ । ଯେଉଁ ପରିବେଶକୁ ଅବଲୋକନ କରି ଅତୀତରେ ଅନେକ କବି କାବ୍ୟମାଳା ଲେଖିଯାଇଛନ୍ତି । ଯେତେ ଝଡ଼ ଆସିଲେ ସେ ତା’ ବସାରେ ସୁରକ୍ଷିତ । କଥାରେ ଅଛି ପରା ‘ବାଇଚଢ଼େଇର କି ଯାଏ ଆସେ ନା, ବାଆ କଲେ ବସା ଦୋହଲୁଥାଏ’ । କିନ୍ତୁ କର୍ପୁର ଉଡ଼ି କନା ପଡ଼ିରହିଲା ପରି କଥା ରହିଛି । ତାଳଗଛ ଅଭାବରୁ ବାଇଚଢ଼େଇ ବସା ବିଲୁପ୍ତପ୍ରାୟ ! ବଜ୍ରାଘାତର କ୍ରୁର ପ୍ରହାରରେ ନିରୀହ ନିଃସହାୟ ପକ୍ଷୀଟି ଦାଣ୍ଡ ଘାଟରେ କ୍ଷତ ବିକ୍ଷତ ଅବସ୍ଥାରେ ବଳି ପଡ଼ିଯାଉଛି । ପରୋକ୍ଷ ଭାବରେ ତା’ର ବଳିଦାନ ପାଇଁ ଆମେ ଦାୟୀ ନୁହେଁ ତ ! ତାଳଗଛର ସେଇ ବିସ୍ତାରିତ ବାହୁଛାୟା ସତେଯେମିତି ମଣିଷ, ପଶୁପକ୍ଷୀ, ସମସ୍ତଙ୍କର ସାଜିଥାଏ ସତର୍କ ପ୍ରହରୀ ପରି ! ପରିବେଶ ରକ୍ଷା ପାଇଁ ପ୍ରାଣୀ ଓ ଉଭିଦ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ. ଯେହେତୁ ଦୁହେଁ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ଏକ ବ୍ୟତିରେକ ଅନ୍ୟଟି ଅର୍ଥହୀନ ମନେହୁଏ । ‘ପରିବେଶ ସୁରକ୍ଷା ଜୀବନ ରକ୍ଷା’ ନାରାଟି ଅନ୍ତତଃ ସମସ୍ତଙ୍କ କାନରେ ବାଜିଲେ ଦୈବୀ ଦୁର୍ବିପାକରୁ ନିଜକୁ ତଥା ସମସ୍ତ ପ୍ରାଣୀଜଗତକୁ ରକ୍ଷା କରାଯାଇପାରନ୍ତା । ବୃକ୍ଷରୋପଣ ବିନା ପରିବେଶ ସୁରକ୍ଷା ତଥା ବଜ୍ର ବିପନ୍ନିରୁ ମୁକ୍ତି ଏସବୁ ଚିନ୍ତା କରାଯାଇପାରେନା । ଯେତେ ଆଧୁନିକତାର ବଶବର୍ତ୍ତୀ ହେଲେବି ଆମେ ପରିସ୍ଥିତିର ଦାସ । ବଜ୍ର ବିପନ୍ନିକୁ ଏଡ଼ାଇ ପାରିବାନି । ଦୈବୀ ଦୁର୍ବିପାକକୁ ବଳ କାହାର ? ଦଇବ ଦଉଡ଼ି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ । କିନ୍ତୁ ବଚିଂବାର ରାହା ତ ଖୋଜିବା । ଆସନ୍ତୁ, ଆପଣା ହସ୍ତେ ଜିହ୍ୱା ଛେଦି ପରି ଅବସ୍ଥା ଆସିବା ଆଗରୁ ସରକାରଙ୍କ ସହ ସହଯୋଗ କରି ଆଗକୁ ପାଦ ବଢ଼ାଇବା । ପରିବେଶର ସୁରକ୍ଷା ପାଇଁ ତାଳଗଛ ଓ ଅନ୍ୟାନ୍ୟ ବୃକ୍ଷରୋପଣ କରି ଆଗକୁ ଆଗେଇ ଚାଲିବା । ପରିବେଶ ସହ ଭାବାବେଗ ରହିଲେ ଆମେ ଗୋଟିଏ ନୂଆ ଦିଗନ୍ତ ସୃଷ୍ଟି କରିପାରିବା ଓ ବଜ୍ର ବିପନ୍ନିରୁ ଅସହାୟ ମଣିଷ ଆଜି ସୁରକ୍ଷିତ ରହିପାରିବ ଅକ୍ଷତ ଅବସ୍ଥାରେ ! ଚାଷୀଭାଇଟି ଯେତେ ଝଡ଼ଝଞ୍ଜା ଆସିଲେ ବି ନିରାପଦରେ ଚାଷ କ୍ଷେତରୁ ଫେରିଯିବ ତା’ର ସେଇ ନୁଆଁଣିଆ ଚାଳଘରକୁ ହଳ ବଳଦ ଧରି, ପର ଦିନର ପାହାନ୍ତି ସକାଳକୁ ଅପେକ୍ଷା କରି ।

# ଅର୍ଥ : ଅସ୍ତ୍ର ! ବିଶ୍ୱ : ବିବସ୍ତ୍ର !

‘ଅର୍ଥନୈତିକ ମାନ୍ଦାବସ୍ଥା’ - ଆମେରିକା ଦ୍ୱାରା ପ୍ରାୟୋଜିତ ଗୋଟାଏ ପ୍ରୟୋଗାତ୍ମକ ପ୍ରହସନ । ଏ ପ୍ରହସନ ସପକ୍ଷରେ ଆବହାୱା ସୃଷ୍ଟି କରିବା ପାଇଁ ମିଡିଆଠୁ ଆରମ୍ଭ କରି ଭାରତୀୟ ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ ଓ ବିଶାରଦବର୍ଗଙ୍କୁ ବୁଦ୍ଧୁ ବନାଉଛି ଆମେରିକା । ବଜାରୀ ଅର୍ଥନୀତି ଯେମିତି ସରଳ ଖାଉଟିସମାଜକୁ ନିଜ ପରୀକ୍ଷାଗାରର ଗିନିପିଗ୍ କରିବା ଉଦ୍ଦେଶ୍ୟରେ ‘କୃତ୍ରିମ ଅଭାବ’ର ସୂକ୍ଷ୍ମ ସୂତ୍ର ପ୍ରୟୋଗ କରିଥାଏ, ଏ ଅର୍ଥନୈତିକ ମାନ୍ଦାବସ୍ଥା ଠିକ୍‌ସେଇଭଳି ଏକ ବଜାରୀ ବଜ୍ରପାତ - ବିନାମେଘର ମୁନାଫାରେ ! ଏ ‘ଅର୍ଥନୈତିକ ମାନ୍ଦାବସ୍ଥା’ ପ୍ରକୃତପକ୍ଷରେ ଏକ ଭୟଙ୍କର ଅଭିସନ୍ଧିମୂଳକ ଅର୍ଥନୈତିକ ଅରାଜକତା । ଭଲକରି ଚିହ୍ନିରଖ ଭ୍ରାତାଙ୍କ ବଦନ । କଳା କାରନାମା କଳା ସଫେଦ୍ ସଦନ । ଶୁଣ ଶୁଣ ଅଭାଜନେ, ଦେଇ ମନକର୍ଣ୍ଣ - ଗୁପତ ଏ ଗୂଢ଼ତତ୍ୱ ଗରିବ ମାରଣ ! ଏ ଅର୍ଥନୈତିକ ଅରାଜକତାର ପ୍ରସ୍ତୁତିପର୍ବ ପଛରେ ଉପରୋକ୍ତ ଆମେରିକୀୟ ଆଭିମୁଖ୍ୟ ଏବେ ଏଭଳି ଅଚାନକ ଉତପ୍ତ ହୋଇ ଉଠୁଥିବାର ଅସଲ ରହସ୍ୟ କ’ଣ ? ପ୍ରଶ୍ନଟି ସିଲାବସ୍ ବହିର୍ଭୂତ ବୋଲି ମୋଟେ ଭାବନ୍ତୁ ନାହିଁ ପଣ୍ଡିତ ମହାଶୟ !ମନକୁ ନପାଇଲେ ମନା କରିବେ ପଛେ, ମାତ୍ର ମାର୍ଜନା କରିବେ ଯେ ଅବୋଲକରାକୁ । କାହିଁକିନା, ଆପଣଙ୍କ ପାଇଁ ତ ଛତା ଅଛି - ସେଇ ‘ବର୍ଷା ଯୁଆଡ଼େ ଛତା ସିଆଡ଼େ’ ମାର୍କା ଛତା ! ଅଛି ପୁଣି ଆପଣଙ୍କ ପାଇଁ କମ୍ବଳଖଣ୍ଡିକ - ସେଇ ‘କମ୍ବଳଯାକ ବାଳ’ଧର୍ମୀ କମ୍ବଳ ! ହେଲେ ଯେ ଅବୋଲକରା ସକାଶେ କାହିଁକେଉଁଠି କି ସମ୍ବଳ ? ଆପଣ ତ ମହାଶୟ, ପଣ୍ଡିତ । ଆପଣଙ୍କ ପୁଅ ମାଙ୍କଡ଼ ମାଇଲେ ବି ଦୋଷ ନାହିଁ । ହେଲେ ଯେ ଅପାଠୁଆ ଅବୋଲକରାଟା ଯାଙ୍କିଙ୍କୁ ମଙ୍କିବୋଇଲେ ତାକୁ ମାଫି କାହିଁ ?ଯେ ଅବୋଲକରା ମଣିଷ ରକ୍ତପିଆ ମଶାଟାକୁ ମାଇଲେ ବି ଆପଣଙ୍କ ରଂଗିଲା ରାଜଗାଦିବାଲାଏ ତାକୁ କହିବେ - ମାଓବାଦୀ ନହେଲେ ଆତଙ୍କବାଦୀ ! ଅତଏବ ମାଛିକୁ‘ମ’ ନକହି ଆମେରିକାକୁ‘ଆ’ବୋଲି କହୁଥିବା ଆପଣଙ୍କ ପରି ଶୁଦ୍ଧିବାଦୀ ବୁଦ୍ଧିବିକ୍ରେତାଙ୍କ ଦି’ଖୁରାକୁ ଦଣ୍ଡବତ । ଆମେରିକା ଏ ଅର୍ଥନୈତିକ ଅରାଜକତାର ଆବହାୱା ଉପୁଜାଇଛି ବେଶ୍ ଭାବିଚିନ୍ତି - ଅଙ୍କ କଷି ! ଅଙ୍କ ନା ଆତଙ୍କ ? ଗହୀରେଇ ଗୁଣିହେଲେ ‘ଲୁଚିଚି ନାଗୋଡ଼ ଦି’ଟା ଦୁଶୁଚି’ ଅନୁସାରେ ଧରାପଡ଼ିଯିବ ଆମେରିକାର ଅସଲ ଚାଲ୍ - ଅସଲ ଚାଲାକି । ଇରାକ୍ ରାଷ୍ଟ୍ରପୁରୁଷ ସଦ୍ଦାମ ହୁସେନ୍‌ଙ୍କ ମୃତ୍ୟୁଦାତା ଆମେରିକା ଏବେ ଆଫଗାନିସ୍ତାନରେ ସେନା ମୁତୟନ କରି ସାରିଲା ପରେ ନିଜର ବର୍ବରୋଚିତ ବୁଭୁକ୍ଷା ପ୍ରତି ବିଶ୍ୱବାସୀଙ୍କ ନଜର ଏଡାଇରଖିବା ଅଭିପ୍ରାୟରେ ଏ ଚାରିଆଡ଼ିଆ ଚାଲ୍ ଚଳାଇସାରିଛି । ଯାହା ଆମ ବୁଦ୍ଧିଜୀବୀଙ୍କୁ ମାଲୁମ୍ ନାହିଁ, ତା’ ଖୋଦ୍ ଆମେରିକାର କୁଖ୍ୟାତ ଚକ୍ର ସିଆଇଏ ସଂସ୍ଥାର ଜଣେ ସାଧାରଣ ସଦସ୍ୟକୁ ସୁଦ୍ଧା ଗୋଚର ଥିବ ନିଶ୍ଚୟ ! ଆମେରିକାର ପୃଷ୍ଠପୋଷକତାରେ ପ୍ରଥମେ ଏ ପୃଥିବୀ ପ୍ରତ୍ୟକ୍ଷ କରିଛି ପରମାଣୁ ଯୁଦ୍ଧ । ହିରୋସିମା ଓ ନାଗାସାକି ପରି ସୁଦୂର ପ୍ରାଚ୍ୟଭୂଖଣ୍ଡର ବାମନଭୂମି ଜାପାନ୍‌ର ଦୁଇଟି ସହର ଦୁଇଟା ଲାସ୍ ପାଲଟିଗଲା ଏ ପରମାଣୁ ଚିତାଗ୍ନିର ପ୍ରଚଣ୍ଡ ବଳୟ ମଧ୍ୟରେ । ଦ୍ୱିତୀୟ ମହାଯୁଦ୍ଧର ଇଗଲ୍ ଆମେରିକା ନିଜ ନିଷ୍ଠୁର ନଖଅଂଟର ନିର୍ଘାତ ନମୁନାଦେଖାଇବାରେ ନିହାତି ଓସ୍ତାଦ୍ । ନିଜ ଦାନବୀୟ ଅପଶକ୍ତିକୁ କାଏମ୍ କରିରଖିବାକୁ ଆମେରିକା ଖତମ୍ କରିବାକୁ ଚାହିଁଲା ଚାଇନା ଓ ଋଷିଆ ପରି କମ୍ୟୁନିଷ୍ଟ ରାଷ୍ଟ୍ରୀୟତାକୁ । ଆଜି ମାର୍କ୍ସବାଦର ପାଉଁଶଗଦା ଉପରେ ସୁନାର ଧୂଳି ମୋ’ ଧନମାଳୀ ନୁହେଁ କି ଏ ଆମେରିକା ? କ’ଣ ଥିଲା ରୁଷିଆ ?କ’ଣ ହେଲା ? ବରବାଦ ହେଲା ବିପ୍ଳବ - ଲେନିନ୍‌ର ଲାଇସେନ୍‌ସ୍ - ଷ୍ଟାଲିନ୍‌ର ଷ୍ଟାଇଲ !କ’ଣ ନ ହେଲା ଚୀନ ?ଚ୍ୟାଙ୍ଗ୍ କାଇସେକ୍‌ର ଗ୍ୟାଙ୍ଗ୍‌ପୀଡ଼ିତ ଚାଇନା ? ଚୂନାହେଲା ।ମେଘନାଦ ପାଚେରିଘେରା ଚଷାପୁଅର ଚୀନ୍ ମାଓ-ସେ-ତୁଙ୍ଗ୍‌ଙ୍କ ଲଙ୍ଗ୍‌ମାର୍ଚ୍ଚଠୁ ଦୂରେଇଯାଇ କମ୍ୟୁନିଜମ୍‌କୁ ଢାଙ୍କିଦେଲା କୁହୁଡ଼ିର ଧଳାଚଦରରେ । ଋଷିଆ ଓ ଚୀନ୍ ପରି କମ୍ୟୁନିଜମ୍‌ର ଦି’ ଦି’ଟା କୀର୍ତିସ୍ତମ୍ଭ ପାଲଟିଗଲା ଖତଗଦାର କାଠଖମ୍ବ ! ସାମ୍ୟବାଦରୁ ସଂଶୋଧନବାଦ, ପ୍ରଗତିରୁ ପ୍ରତିକ୍ରିୟା, ନିଆଁରୁ ପାଉଁଶ - ଅଂଗୀକାରରୁ ଅଂଗାର... ଏ ରହସ୍ୟ ପଛରେ ମାର୍କିନ୍ ମାର୍କେଟ୍‌ର ମୁନାଫାଖୋର୍ ପୁଞ୍ଜିବାଦୀ ତତ୍ୱର ପ୍ରୟୋଗ କ’ଣ ଆମ ଅବଶିଷ୍ଟ ପୃଥିବୀର ବୁଦ୍ଧିଜୀବୀବର୍ଗଙ୍କୁ ଜ୍ଞାତ ନୁହେଁ ? ମାତ୍ରଗୋଟାଏ କଥା ମାନସାଙ୍କ ପରି ସହଜ ହୋଇଥିଲେ ହେଁ ଏଯାବତ୍ କଥାଟା ଉପରେ ଜୋର୍ ଦିଆଯାଇନାହିଁ କାହିଁକିକେଜାଣି ! କ’ଣ ଆମେରିକାର କଳାପଇସାକୋଲପ ପକାଇଦେଇଛି ଏ କଥାକୁହା କପିଳାମାନଙ୍କ ମୁହଁରେ ? ପ୍ରଥମେ ଜାପାନ୍ - ତାପରେ ରୁଷିଆ - ପୁଣି ଚୀନ୍ । ଏ ତିନୋଟିଯାକ ଦେଶର ମହାଦେଶ ହେଉଛି ଏସିଆ । ୟୁରେସିଆର ୟୁରେକା ତଥା ୟୁରୋପ୍‌ରୁ ଏସିଆକୁ ଲମ୍ବିଥିବା ଋଷିଆ ଉପରେ ଆମେରିକାର ତୀକ୍ଷ୍ଣ ଇଗଲ୍‌ଆଣି ଲାଖି ରହିଥିଲାକେବେଠୁ । ଋଷିଆର ସାମ୍ୟବାଦ ଶକ୍ତ ଓ ସମର୍ଥ ଥିବା ପର୍ଯ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ଆମେରିକାର ଐରାବତ ହସ୍ତୀ ଉପରେ ଅଙ୍କୁଶାଘାତର ଆଶଙ୍କା ବଜାୟ ରହିଆସିଥିଲା ବରାବର । ଅତଏବ ନିଜର ସର୍ବଗ୍ରାସୀ ମାନସିକତାକୁ ନିରଙ୍କୁଶ କରିରଖିବା ଦିଗରେ ଆମେରିକା ଚାହିଲା ଋଷିଆର ମୂଳୋତ୍ପାଟନ । ତା’ହେଲେ ଅଚିରେ ସେ ହୋଇଉଠିବ ଆଧୁନିକ ପୃଥିବୀର ଅନାଗତ ବିଧାତା - ଏକଛତ୍ରପତି ଅଧୀଶ୍ୱର । ବାସ୍ - ତାସ୍‌ଖେଳ ଚାଲିଲା ସାହେବ-ବିବିଗୋଲାମ୍‌ମାନଙ୍କୁନେଇ । ଶେଷରେ ଏ ଖେଳରେ କମ୍ୟୁନିଷ୍ଟ ଋଷିଆର ହେଲା ହାର୍ । ଜାର୍‌ରୁଜୋକର୍ । ଋଷିଆ ଗଲା ରସାତଳକୁ । ତାପରେ ଚୀନ୍‌କୁ ଚୂନା କରିବାର ଚମକପ୍ରଦ ଚକ୍ରାନ୍ତ । ଚମତ୍କାର ଚାତୁର୍ଯ୍ୟ । କମ୍ୟୁନିଜମ୍ ପାଲଟିଗଲା କିମ୍ବଦନ୍ତୀ । ଭଗ୍ନସ୍ତୂପର ଭୂମିକା । କ୍ରାନ୍ତିର କବର । ପୁଞ୍ଜିବାଦର ପତାକା ପୋତିଦିଆଗଲା ଏ ଦୁଇ ପାଉଁଶଗଦାରେ । ବହୁ ଆଗରୁ ତ ଆମେରିକା ଜାଳିଦେଇଥିଲା ଜାପାନ୍‌ର ଅଳିନ୍ଦ ଓ ନିଳୟ ପରି ଦୁଇ ସୁନ୍ଦର ନଗରୀକୁ । ଜାପାନ୍-ରୁଷିଆ-ଚୀନ୍... ପ୍ରାଚ୍ୟଭୂଖଣ୍ଡର ତିନୋଟି ପ୍ରତିଷ୍ଠା ହେଲା ପ୍ରତିହତ । ଏସିଆର ମସିହାକୁ ଆମେରିକା କଲା ତାର କଳା କ୍ୟାଲେଣ୍ଡର୍ । ୟୁରୋପ୍‌ରେ ନୁହେଁ, ଏସିଆରେ କାହିଁକି ଏ ଆମେରିକୀୟ ଉତ୍ପାତର ଅଭିଯାନ ? କାରଣଟି ସ୍ପଷ୍ଟ । କାରଣ ଏସିଆର ଆତ୍ମା ୟୁରୋପଠାରୁ ଅଲଗା । ୟୁରୋପ ଯନ୍ତ୍ରଭୂ - ଜଡ଼ଭୂମି । ଏସିଆ କିନ୍ତୁ ମନ୍ତ୍ରଭୂ - ମନ୍ମୟତାର ମହାଦେଶ - ତନ୍ମୟତାର ତପୋଭୂମି । ଏସିଆର ପ୍ରଜ୍ଞା, ପ୍ରଜ୍ଞାନ, ସ୍ୱଜ୍ଞା, ସ୍ୱଜ୍ଞାନ ହୁଏତ ଆମେରିକାର ଆଜ୍ଞାକୁ ଭବିଷ୍ୟତରେ ଭୟତ୍ରସ୍ତ କରାଇପାରେ - ଏ ଆଶଙ୍କା ଆମେରିକାର ଧନତନ୍ତ୍ରକୁ ବରାବର କରିଆସିଛି ଆର୍ତ, ଅସୁସ୍ଥ । ଅତଏବ ସୁଦୂରପ୍ରସାରୀ ଷଡଯଂତ୍ର ସ୍ୱରୂପ ଆମେରିକା ପକ୍ଷରୁ ଏସିଆକୁ ପଙ୍ଗୁ ତଥା ପକ୍ଷାଘାତଗ୍ରସ୍ତ କରିଦେବାର କାରସାଦି ଚଳାଗଲା । ପ୍ରଥମେ ଆରମ୍ଭହେଲା ସାମରିକ ଯୁଦ୍ଧ, ତାପରେ ରାଜନୈତିକ ଯୁଦ୍ଧ ଏବଂ ଏବେ ଶେଷ ହେବାକୁ ଯାଉଛି ସମସ୍ତଙ୍କ ଅଜ୍ଞାତସାରରେ ଏକ ଅର୍ଥନୈତିକ ଯୁଦ୍ଧ ! ବିଶ୍ୱର ବୁଦ୍ଧିଜୀବୀବର୍ଗଙ୍କୁ ଅନୁରୋଧ - ଏ ଦିଗ ପ୍ରତି ସେମାନେ ଆଖି ନବୁଜି, ଆମେରିକାର ଆର୍ଥିକ ଅନୁଦାନ ଓ ବୌଦ୍ଧିକ ଅଭିଯାନ ଉପରେ ସତର୍କ ଦୃଷ୍ଟି ଦେଇ ପୁନର୍ଚିନ୍ତନ ଆରମ୍ଭ କରିଦିଅନ୍ତୁ । ଏହା ହିଁ ସମୟ - ଆଉଥରେ ସତର୍କ ସମୀକ୍ଷଣର - ଏ ସଂକଟାପନ୍ନ ସନ୍ଧିକ୍ଷଣରେ । ଜାପାନ୍, ଋଷିଆ, ଚୀନ୍ । ଏବେ ଭାରତର ପାଳି - ଆମେରିକାର ପରୀକ୍ଷାଗାରରେ ବଳି ପଡ଼ିବା ପାଇଁ । ସରକାରୀ ଜର୍ସି ପିନ୍ଧି ବସିଥିବା ଆମ ଶାସକ ଓ ଜର୍ଜରିତ ଜନଗଣଙ୍କ ଶୋଣିତ-ଶୋଷକ ଶ୍ରେଣୀଶତ୍ରୁ ପ୍ରଶାସକବର୍ଗ ଆମେରିକାର ଆଭିମୁଖ୍ୟକୁ କାଏମ୍ ରଖି ବର୍ଷ ବର୍ଷ ବିଶ୍ୱାସଘାତକତାର ବର୍ବର ପର୍ବ ପାଳିଚାଲିଛନ୍ତି ଆମ ବିଶ୍ୱାସ ଓ ନିଜ ବିବେକକୁ ତୀବ୍ର କୁଠାରାଘାତ କରି କରି । ଦେଶରେ ବିଚାରହୀନ ବୁଦ୍ଧିମାନ୍, ବିବେକହୀନ ବିତଶାଳୀ ଏବଂ ମସ୍ତିଷ୍କହୀନ ମାଂସପେଶୀର ଭୟଙ୍କର ଭିଡ଼ ବଢ଼ିଚାଲୁଚି - ସାବଧାନ ! କୁର୍ସିରେ କୁବେରତନ୍ତ୍ରପାଳିତ କୁତାମାନେ ବସି ଭତାଭୋଗୀ ବନ୍ଦୋବସ୍ତ ଚଳାଉଛନ୍ତି - ଆର୍ସିରେ ମୁହଁ ଦେଖୁଛନ୍ତି ମାଖୁନା ମାଇଚିଆ ପାର୍ଟିର ଲୁଙ୍ଗୁରା ଲିଡର୍ ।ବେକାର ଯୁବପିଢ଼ିକୁ ଭଡାଟିଆ ଗୁଣ୍ଡା ଓ ଫ୍ରଷ୍ଟ୍ରେଟେଡ୍ ଫ୍ରିଏଡ୍‌ପ୍ରେମୀ ପ୍ରଫେସର୍‌ମାନଙ୍କୁ ଫୁଙ୍ଗୁଳା ଫିଲୋସଫିର ପ୍ରଫେଟ୍ କରିରଖିବାର ମସୁଧା ସୁରୁହୋଇସାରିଛି ମାର୍କିନ୍ ମନ୍ତ୍ରଣାଦାତା ଇଣ୍ଡିଆନ୍ ଏଜେନ୍‌ସୀ ଜରିଆରେ । ଆମ ମିଲିଟାରୀ, ଆମ ସ୍ପାଇ, ଆମ କ୍ରାଇମ୍‌ବ୍ରାଂଚ, ଆମ ପୁଲିସ୍, ଆମ ଦପ୍ତରୀ, ଆମ ଦରବାରୀ - ସମସ୍ତଙ୍କୁ ଅଜ୍ଞାତସାରରେ ଅଫିମଗ୍ରସ୍ତ କରିରଖିବାର ଅପୋଦ୍ୟମ ଆରଂଭ କରିଛି ଆମେରିକା ।ଆମେରିକାର ସାମରିକ ଓ ରାଜନୈତିକ ଯୁଦ୍ଧ ସରିଆସୁଛି - ଆରମ୍ଭ ହୋଇସାରିଛି ଏକ ଅଭୂତପୂର୍ବ ଅର୍ଥନୈତିକ ଯୁଦ୍ଧ । ଏ ଅର୍ଥନୈତିକ ଯୁଦ୍ଧହେଉଛି ଏକ ଅଦୃଶ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆଦ୍ୟ ଆଭାସ ମାତ୍ର ।ମାଲୁମ୍ ପଡୁନି - ମାତ୍ର ତୃତୀୟ ବିଶ୍ୱଯୁଦ୍ଧର ଚରିତ୍ର ନିର୍ଦ୍ଧାରିତ ହୋଇସାରିଛି ଏଇବାଟେ - ଏଇ ଅର୍ଥନୈତିକ ଆତଙ୍କବାଦର ଫାସିବାଦୀ ଫାଙ୍କରେ ।

# ୟୁନୁସ ଓ ତାଙ୍କର ଅନେକ ସତୀର୍ଥ

ଗଲା ଅଗଷ୍ଟ ମାସ ୮ ତାରିଖରେ ବାଂଲାଦେଶରେ ମଧ୍ୟବର୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ମହମ୍ମଦ ୟୁନୁସ ଦାୟିତ୍ୱ ଗ୍ରହଣ କଲେ । ଏ ଯାବତ୍ ? ସେ ସେହି ପଦରେ ରହିଛନ୍ତି । ବାଂଲାଦେଶରେ ବିରାଟ ଜନଅନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରାଣ ବଚାଂଇ ଭାରତକୁ ପଳାୟନ କରିବା ପରେ ଶାସନର ମଙ୍ଗରେ ଅଛନ୍ତି ୟୁନୁସ ଏବଂ ବସ୍ତୁତଃ ଏବେ ସେ ହିଁ ବାଂଲାଦେଶର ପ୍ରଧାନମନ୍ତ୍ରୀ । ମହମ୍ମଦ ୟୁନୁସ୍ ୧୯୮୩ ମସିହାରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇଥିଲେ । ‘ମାଇକ୍ରୋ ଫାଇନାନ୍‌ସିଂ’ ଜରିଆରେ ଗ୍ରାମାଂଚଳର ଦରିଦ୍ର ମହିଳାମାନଙ୍କ ଭାଗ୍ୟରେ ବିପୁଳ ଉନ୍ନତି ଘଟାଇବାରେ ତାଙ୍କର ଅବଦାନ ହେତୁ ସେ ଏହି ସର୍ବଶ୍ରେଷ୍ଠ ସମ୍ମାନ ଲାଭ କରିଥିଲେ । ତେବେ, କଥା ହେଲା ନୋବେଲ ପୁରସ୍କାର ବିଜେତାମାନେ ରାଷ୍ଟ୍ର-ମୁଖ୍ୟ ହେବାରେ ମହମ୍ମଦ ୟୁନୁସ୍ ଏକୁଟିଆ ନୁହନ୍ତି । ପୂର୍ବରୁ ଏଭଳି କେତେକ ଉଦାହରଣ ରହିଛି । କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଲେଷ୍ଟର୍ ବାଉଲ ପିଅରସନ୍ (୧୯୬୩-୧୯୬୮) ମଧ୍ୟ ୧୯୫୭ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ । ଏହାର କାରଣ ତାଙ୍କ ଯୋଗୁଁ ଏକ ସମ୍ଭାବ୍ୟ ଯୁଦ୍ଧ ଅଗତ୍ୟା ଟଳି ଯାଇଥିଲା । ୧୯୫୬ ମସିହାର କଥା । ଇଜିପ୍ଟର ରାଷ୍ଟ୍ର ମୁଖ୍ୟ ନାସେରଙ୍କ ଉପରେ ବିଗିଡ଼ିଯାଇ ଗ୍ରେଟ୍ ବ୍ରିଟେନ୍ ସରକାର ଅସ୍ୱାନ ବନ୍ଧ ନିର୍ମାଣ ସକାଶେ ଦେଉଥିବା ଆର୍ଥିକ ସହାୟତା ବନ୍ଦ କରିଦେଲେ । କ୍ରୁଦ୍ଧ ନାସେର ଏହାର ପ୍ରତିକ୍ରିୟା ସ୍ୱରୂପ ସୁଏଜ କେନାଲ ଦେଇ ଜାହାଜ ଚଳାଚଳକୁ ବନ୍ଦ କରିଦେଲେ । ଏହା ଫଳରେ ଅନ୍ତର୍ଜାତୀୟ ବାଣିଜ୍ୟ ବାଧାପ୍ରାପ୍ତ ହୋଇଗଲା । ଗ୍ରେଟ୍ ବ୍ରିଟେନ୍ ଓ ଫ୍ରାନ୍‌ସର ମିଳିତ ସେନା ଇଜିପ୍ଟ ଉପରେ ଆକ୍ରମଣ କରିବାକୁ ସଜବାଜ ହେଲେ । ଯୁଦ୍ଧର ବାଦଲ ଘୋଟି ଆସିଲା । ଏତିକି ବେଳେ ପିଅରସନ୍ ଥାଆନ୍ତି କାନାଡାର ବୈଦେଶିକ ମନ୍ତ୍ରୀ । ତାଙ୍କର ମଧ୍ୟସ୍ଥିତାରେ ତଥା ଆମେରିକା ଓ ସୋଭିଏତ ରୁଷିଆର ହସ୍ତକ୍ଷେପ ଫଳରେ ଯୁଦ୍ଧ ଟଳିଗଲା । ଲେଷ୍ଟର ପିଅରସନ୍ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଲେ । ସେମିତି ଥିଲେ ଲେକ୍ ୱାଲେସା । ସପ୍ତମ-ଅଷ୍ଟମ ଦଶକରେ ପୋଲାଣ୍ଡର ଏହି ଶ୍ରମିକ ନେତାଙ୍କ ନାମ ପୃଥିବୀର ଘରେ ଘରେ ପରିଚିତ ଥିଲା । କାରଣ, ଶ୍ରମିକ ନିର୍ଯାତନା ଓ ଶୋଷଣ ବିରୋଧରେ ତାଙ୍କର ଆନ୍ଦୋଳନ ଓ ସଂଗ୍ରାମର କାହାଣୀ ଓ ସମ୍ବାଦ ପୃଥିବୀ ସାରା ଖବରକାଗଜର ଶିରୋନାମା ମଣ୍ଡନ କରୁଥିଲା । ୧୯୮୩ ମସିହାରେ ସେ ମଧ୍ୟ ଶାନ୍ତି ଲାଗି ନୋବେଲ ପୁରସ୍କାର ପାଇଥିଲେ । ଅବଲୀଳା କ୍ରମେ ୧୯୯୦ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ ସେ ହୋଇଥିଲେ ପୋଲାଣ୍ଡର ରାଷ୍ଟ୍ରପତି । ଦକ୍ଷିଣ ଆଫ୍ରିକାର ନେଲ୍‌ସନ୍ ମାଣ୍ଡେଲାଙ୍କୁ କିଏ ଅବା ନ ଜାଣେ ! ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟବାଦର ପରିସମାପ୍ତି ପରେ ଯେଉଁ ନୂତନ ସରକାର ପ୍ରତିଷ୍ଠିତ ହେଲା, ତହିଁରେ ସେ ୧୯୯୪ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ରାଷ୍ଟ୍ରପତି ହୋଇଥିଲେ । ବର୍ଣ୍ଣ ବୈଷମ୍ୟବାଦୀ ଅତ୍ୟାଚାରୀ ଶ୍ୱେତାଙ୍ଗ ଶାସନର ପତନ ଲାଗି ମାଣ୍ଡେଲା ଦୀର୍ଘ ୨୭ ବର୍ଷ କାଳ କାରାଦଣ୍ଡ ଭୋଗିଥିଲେ । ମାଣ୍ଡେଲାଙ୍କୁ ୧୯୯୩ ମସିହାରେ ଶାନ୍ତି ଲାଗି ନୋବେଲ ପୁରସ୍କାର ମିଳିଥିଲା । ଏବେ ଆସିବା ଆମ ପଡ଼ୋଶୀ ରାଷ୍ଟ୍ର ମ୍ୟାନ୍‌ମାରକୁ, ଯେଉଁଠାରେ ଆଙ୍ଗ ସୁ କି ୨୦୧୬ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୯୧ ମସିହାରେ ଶାନ୍ତି ପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଥିଲା । ମ୍ୟାନ୍‌ମାର ଏକଛତ୍ରବାଦୀ ସାମରିକ ଶାସକଙ୍କ ବିରୋଧରେ ତାଙ୍କ ଆନ୍ଦୋଳନ ହେତୁ ତାଙ୍କୁ ଅନେକ ବର୍ଷ ଜେଲ୍ ଭିତରେ କାଟିବାକୁ ପଡ଼ିଥିଲା । ଇଣ୍ଡୋନେସିଆ ନିକଟବର୍ତୀ ଏକ କ୍ଷୁଦ୍ର ଦ୍ୱୀପ ଯାହାର ନାମ ପୂର୍ବ ତିମୋର । ୨୦୨୨ ମସିହାରୁ ଏହାର ରାଷ୍ଟ୍ରପତି ଭାବରେ ଅଧିଷ୍ଠିତ ଅଛନ୍ତି ଜୋସ ରାମୋସ୍ ହୋର୍ଟା । ୧୯୭୫ ମସିହାରେ ଏହି କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ର ପର୍ତୁଗୀଜ ଶାସନରୁ ମୁକ୍ତ ହେଲା । କିନ୍ତୁ ତତ୍‌କ୍ଷଣାତ୍ ଇଣ୍ଡୋନେସିଆ ତାକୁ ଅଧିକାର କରି ନେଲା । ନିଜ ଦେଶକୁ ମୁକ୍ତି କରିବାକୁ ହୋର୍ଟା ଦେଶ ପରେ ଦେଶ ବୁଲି ସମର୍ଥନ ସଂଗ୍ରହ କଲେ । ତାଙ୍କର ଏଭଳି ପ୍ରୟାସ ଫଳରେ ପୂର୍ବ ତିମୋର ୨୦୦୨ ମସିହାରେ ସ୍ୱାଧୀନ ହେଲା । ହୋର୍ଟାଙ୍କୁ ୧୯୯୬ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିଥିଲା । ରାମୋସ୍ ହୋର୍ଟାଙ୍କର ଜୀବନକୁ ଆଧାର କରି ‘ଦ ଡିପ୍ଲୋମାଟ୍’ ନାମକ ସିନେମା ମଧ୍ୟ ନିର୍ମିତ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ହିଂସ୍ର ଶିକ୍ଷକ : ଛାତ୍ରୀଙ୍କ ମୁଣ୍ଡକୁ ମାରିଲେ ଡଷ୍ଟର, ଡାକ୍ତରଖାନାରେ ଆହତ ଛାତ୍ରୀ



ଝାରସୁଗୁଡ଼ା/ଲଇକେରା,୧୫/୧୦(ନି/ପ୍ର): ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା କରିଛନ୍ତି। ପିଲାମାନେ ନିର୍ଭୟରେ ପାଠପଢ଼ିବେ ବୋଲି ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। କିନ୍ତୁ ଅନେକ ସ୍ଥାନରେ ଏହାର ବ୍ରତୀକ୍ରମ ଦେଖାଯାଉଛି। ଘରୋଇ ସ୍କୁଲରେ ପୁଣି ଜଣେ ଛାତ୍ରୀକୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ରୀ ଗୁରୁତର ହୋଇଛନ୍ତି। ଲଇକେରା ଥାନା ଅନ୍ତର୍ଗତ ବାଗଡିହି ସେଂଟ ଆରଲନୋଲ୍ଡ ସ୍କୁଲରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଛାତ୍ରୀଙ୍କ ବାପା ମହେଶ ଅଗ୍ରୱାଲଙ୍କ ଏତଲା ଆଧାରରେ ଲଇକେରା ଥାନା ପୁଲିସ୍ ଏକ ମାମଲା ରୁଜୁ କରିଥିବା ଅଭିଯୁକ୍ତ ଶିକ୍ଷକ ପୁଷ୍କର ବରୱାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେପଟେ, ଛାତ୍ରୀଙ୍କୁ ପ୍ରଥମେ ବାଗଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରୁ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଛାତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗି ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଆଜି ଦିନ ପ୍ରାୟ ୧୨ଟା ବେଳେ ସ୍କୁଲରେ କ୍ଲାସ୍ ଚାଲୁଥିଲା। ପିରିୟଡ୍ ଚେଞ୍ଜ ସମୟରେ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ପାଟିତୁଣ୍ଡ କରିଥିଲେ। ସେହି ସମୟ ?ରେ ପିଇଟି ଶିକ୍ଷକ ଶ୍ରୀ ବରୱା କ୍ଲାସ୍ ଭିତରକୁ ପ୍ରବେଶ କରିଥିଲେ। ଆହତ ହୋଇଥିବା ଛାତ୍ରୀ ଅନିକା ଅଗ୍ରୱାଲ(୭) ଓ ଅନ୍ୟମାନେ ପାଟିତୁଣ୍ଡ କରୁଥିବା ଦେଖି ଶିକ୍ଷକ ଶ୍ରୀ ବରୱା ଉତ୍ ?କ୍ଷିପ୍ତ ହୋଇଉଠିଥିଲେ। ଏହାପରେ କ୍ଲାସରୁମ୍ ଟେବଲରେ ଥିବା ଏକ ଡଷ୍ଟରକୁ ଶ୍ରୀ ବରୱା ଉଠାଇ ଅନିକାଙ୍କୁ ଲକ୍ଷ୍ୟ କରି ଫିଙ୍ଗି ଦେଇଥିଲେ। ଅନିକାଙ୍କ ମୁଣ୍ଡରେ ଡଷ୍ଟର ବାଜିବା କ୍ଷଣି ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ଅନିକାଙ୍କ ଅଭିଭାବକଙ୍କୁ ଡାକି ଛାତ୍ରୀଙ୍କୁ ନେଇଯିବାକୁ କହିଥିଲେ। ଅନିକାଙ୍କ ବାପା ଶ୍ରୀ ଅଗ୍ରୱାଲ ସ୍କୁଲରେ ପହଂଚି ଝିଅର ଅବସ୍ଥା ଦେଖି ଚିନ୍ତିତ ହୋଇଯିବା ପରେ ତାଙ୍କୁ ନେଇ ବାଗଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଝାରସୁଗୁଡ଼ା ଅଣାଯାଇଥିବା ବେଳେ ପରିବାରର ଅନ୍ୟ ସଦସ୍ୟ ଥାନାକୁ ଯାଇ ସ୍କୁଲ ଶିକ୍ଷକଙ୍କ ବିରୋଧରେ ଏତଲା ଦେଇଥିଲେ।

# ୫୧୦୦ ବୋତଲ କୋରେକ୍ସ ଜବତ, ୨୦ ଗିରଫ



ସମ୍ୱଲପୁର,୧୫/୧୦(ନି/ପ୍ର): ସମ୍ୱଲପୁର ପୁଲିସ ବେଆଇନ କଫସିରଫ କାରବାରକୁ ବଡ଼ ଧରଣର ଚଡ଼ଉ କରିଛି। ୫୧୦୦ ବୋତଲ କୋରେକ୍ସ ଜବତ ସହ ୨୦ ଜଣକୁ ଗିରଫ କରିଛି ପୁଲିସ। ନଗଦ ୪୦ ହଜାର ଟଙ୍କା, ଗୋଟିଏ ପିକଅପ ଭ୍ୟାନ, କାର ସହ ୫ଟି ମୋବାଇଲ ଫୋନ ଜବତ କରିଛି। ବରେଇପାଲି ଥାନା ଅଂଚଳର ଗୋପାଳପାଲିରୁ କୋରେକ୍ସ ଜବତ କରାଯାଇଛି। ୫୧୦୦ ବୋତଲ କୋରେକ୍ସ ଜବତ ସହ ୨୦ ଜଣକୁ ଗିରଫ କରିଛି ପୁଲିସ। ନଗଦ ୪୦ ହଜାର ଟଙ୍କା, ଗୋଟିଏ ପିକଅପ ଭ୍ୟାନ, କାର ସହ ୫ଟି ମୋବାଇଲ ଫୋନ ଜବତ କରିଛି। ବରେଇପାଲି ଥାନା ଅଂଚଳର ଗୋପାଳପାଲିରୁ କୋରେକ୍ସ ଜବତ କରାଯାଇଛି। କଟକରୁ ଏକ ପିକଅପ ଭ୍ୟାନ ଯୋଗେ ସମ୍ବଲପୁର ଆଣିଥିଲେ। ଏହି ସ୍ଥାନରୁ ବିଭିନ୍ନ ଅଂଚଳକୁ କୋରେକ୍ସ ବିକ୍ରି ପାଇ ଯାଇଥାନ୍ତା। ଜବତ କୋରେକ୍ସର ମୂଲ୍ୟ ୧୭ ଲକ୍ଷ ୮୫ ହଜାର ଟଙ୍କା। କଟକରୁ ଏକ ପିକଅପ ଭ୍ୟାନ ଯୋଗେ ସମ୍ବଲପୁର ଆଣିଥିଲେ। ଏହି ସ୍ଥାନରୁ ବିଭିନ୍ନ ଅଂଚଳକୁ କୋରେକ୍ସ ବିକ୍ରି ପାଇ ଯାଇଥାନ୍ତା। ଜବତ କୋରେକ୍ସର ମୂଲ୍ୟ ୧୭ ଲକ୍ଷ ୮୫ ହଜାର ଟଙ୍କା। ତେବେ ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, କିଏ ପଠାଉଥିଲା କେବେଠୁ ଚାଲୁଥିଲା ବିଭିନ୍ନ ଦିଗରେ ପୁଲିସ ତଦନ୍ତ ଜାରି ରଖିଥିବା ସମ୍ୱଲପୁର ଏସପି ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାସ୍ତରୀୟ କଳା ଉତ୍ସବ



ସମ୍ୱଲପୁର,୧୫/୧୦(ନି/ପ୍ର): ବିକଶିତ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ କଳା ଉତ୍ସବ ସ୍ଥାନୀୟ ବୁଢାରଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ସମ୍ୱଲପୁର ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମାଁ ସମ୍ବଲେଶ୍ୱରୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାଶ ଉତ୍ସବର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୨ ଟି ବିଭାଗ ସଙ୍ଗୀତ, ବାଦ୍ୟ ସଙ୍ଗୀତ, ନାଟକ, ନୃତ୍ୟ, ଚିତ୍ରକଳା, ହସ୍ତକଳା ତଥା ପାରମ୍ପାରିକ ଗଳ୍ପ, କଥନରେ ଏକକ ଓ ଗ୍ରୁପ ଆଧାରରେ ସମସ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ନୃତ୍ୟ ବିଶାରଦ ରଞ୍ଜନ ସାହୁ, ସୁରେନ୍ଦ୍ର ବାଗ, ମିତା ପ୍ରଧାନ, ଦେବାଶିଷ ପ୍ରଧାନ, ମମତା ସାହୁ, ରତନ ପୂଜାହାରୀ, ଅଭିନନ୍ଦନ ତ୍ରିପାଠୀ, ସଞ୍ଜୟ ସାହୁ,ସତ୍ୟନାରାୟଣ ବେହେରା, ଶଙ୍କର ପ୍ରଧାନ ଓ ମାନସ ମିଶ୍ର ପ୍ରମୁଖ। ଉଦଯାପନୀ ଉତ୍ସବ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟଶିଳ୍ପୀ ଡଃ ଶ୍ୟାମସୁନ୍ଦର ଧର ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ୧୨ ଟି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ମାନେଶ୍ୱର ମାନ୍ଧାତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ବିଦ୍ୟା ବିକାଶ କନସେପ୍ଟ ସ୍କୁଲ, ମାନେଶ୍ୱର ହାଇସ୍କୁଲ, ପୁରୁଣା ବଳାରଙ୍ଗା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ ବାମରା ତଥା ଏକକ ବିଭାଗରେ ଦିବ୍ୟା ରଣା, ରାଧେଶ୍ୟାମ ଜୟପୁରିଆ, ସାନୁ କାକ୍, ଇପସିତା ପ୍ରିୟଦର୍ଶନୀ, ଶ୍ରେୟାଂଶୀ ପୁରୋହିତ, ପ୍ରିୟମ୍ ବେହେରା ଜୋନାଲ ସ୍ତରକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଉତ୍ସବରେ ଜିଲ୍ଲାର ୯ ବ୍ଲକର ବିଭିନ୍ନ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରୁ ମୋଟ୍ ୨୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଭା ମଂଚକୁ ସଂଯୋଜନା କରିଥିଲେ ଅସୀମ ପ୍ରଧାନ ଓ ଦେବସ୍ମିତା ରାଉତ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ କରଣ ଶର୍ମା,ଲୋକିତା ଦାଶ, ସପ୍ତଶ୍ରୀ ମହାପାତ୍ର, , ସମଗ୍ର ଶିକ୍ଷାର ସଂଯୋଜକ ଅବିନାଶ ସାହୁ,ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଶିକ୍ଷୟିତ୍ରୀ ମଧୁରିମା ପାଣିଗ୍ରାହୀ, ବନବାସ ପ୍ରଧାନ, ସନ୍ଦୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି କଳା ଉତ୍ସବକୁ ସମଗ୍ର ଶିକ୍ଷା ସଂଯୋଜକ ଅରୁଣ କୁମାର ଦାଶ ଓ ବୁଢାରଜା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀ ପରିଚାଳନା କରିଥିଲେ।

## ଓଡ଼ିଶା ରାଜ୍ୟ ସହକାର ନୀତି ୨୦୨୫ ଶୀର୍ଷକ ଆଂଚଳିକ କର୍ମଶାଳା

ସମ୍ୱଲପୁର,୧୫/୧୦(ନି/ପ୍ର):ଆନ୍ତର୍ଜାତୀୟ ସହକାର ବର୍ଷ ୨୦୨୫ ଉପଲକ୍ଷେ ସମ୍ୱଲପୁର ସହକାର ବିଭାଗ ଦ୍ୱାରା ଆସନ୍ତା ୧୬ ଅକ୍ଟୋବର ୨୦୨୫ ତାରିଖରେ 'ଓଡ଼ିଶା ରାଜ୍ୟ ସହକାର ନୀତି – ୨୦୨୫' ଶୀର୍ଷକ ଏକ ଆଂଚଳିକ କର୍ମଶାଳା ଆୟୋଜନ କରାଯିବ। ଏହି କର୍ମଶାଳା ସମ୍ୱଲପୁର ରିଭର ଇନ୍ ରିସୋର୍ଟରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ସହକାର କ୍ଷେତ୍ରର ସୁଶାସନ, ନୂତନ ନୀତିଗତ ଅଭିଗମ ଓ ସହକାରୀ ସଂସ୍ଥା ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ହେବ। ବିଭିନ୍ନ ସହକାର ସଂସ୍ଥାର ପ୍ରତିନିଧି, ସରକାରୀ ଅଧିକାରୀ ଓ ସମ୍ବନ୍ଧିତ ବିଶେଷଜ୍ଞମାନେ ଏହି କର୍ମଶାଳାରେ ଯୋଗ ଦେବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି ।

# କୁଚିଣ୍ଡା-ସତକମା ରାସ୍ତାରେ ମହୁମାଛି ଆକ୍ରମଣ : ଡାକ୍ତରଖାନାରେ ୪ ଭର୍ତ୍ତି




କୁଚିଣ୍ଡା,୧୫/୧୦(ନି/ପ୍ର): କୁଚିଣ୍ଡା-ସତକମା ରାସ୍ତା ବନ୍ଧୁବାସକିରା ଛକରେ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ ପ୍ରଭାତ ନାୟକ, ପ୍ରଶ୍ନ ନାୟକ, ସଂଜୀବ ପଟେଲ, ନେତ୍ରାନନ୍ଦ ବାଘ ନାମକ ୪ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସକାଳ ପ୍ରାୟ ଆଠଟାରେ କୁଚିଣ୍ଡାରୁ କୁଟୁରାଚୁଆଁକୁ ଯାଉଥିବା ଓ କିଛି ସେପଟରୁ କୁଚିଣ୍ଡାକୁ ଆସୁଥିବା ବାଟୋଇଙ୍କୁ ଆକ୍ରମଣ କରିଥିଲେ। କୁଚିଣ୍ଡା-ସତକମା ରାସ୍ତା ବନ୍ଧୁବାସକିରା ଛକରେ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ ପ୍ରଭାତ ନାୟକ, ପ୍ରଶ୍ନ ନାୟକ, ସଂଜୀବ ପଟେଲ, ନେତ୍ରାନନ୍ଦ ବାଘ ନାମକ ୪ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସକାଳ ପ୍ରାୟ ଆଠଟାରେ କୁଚିଣ୍ଡାରୁ କୁଟୁରାଚୁଆଁକୁ ଯାଉଥିବା ଓ କିଛି ସେପଟରୁ କୁଚିଣ୍ଡାକୁ ଆସୁଥିବା ବାଟୋଇଙ୍କୁ ଆକ୍ରମଣ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ, ଗତ କିଛି ଦିନ ପୂର୍ବରୁ ଏପରି ମହୁମାଛି ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ ଖବର ପରେ ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି।

# ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଭଦ୍ରକ,୧୫/୧୦(ନି/ପ୍ର): ଜିଲ୍ଲା ସମାଜ ମଙ୍ଗଳ କାଯ୍ୟାଳୟ ,ଭଦ୍ରକ ଦ୍ୱାରା ଜିଲ୍ଲାପାଳ ଭଦ୍ରକଙ୍କ ସଭାପତିତ୍ୱରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୫ ପାଳିତ ହୋଇଯାଇଛି । ଉକ୍ତ କାଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗ ଦେଇ ଅଙ୍ଗନବାଡି କେନ୍ଦ୍ର ହେଉଛି ଏକ ସୁସ୍ଥ ଶିଶୁ ସୃଷ୍ଟି କରିବାର ଏକ୍ତିଡ଼ିଶାଳ ବୋଲି ବର୍ଣ୍ଣନା କରିଥିଲେ। ଅଙ୍ଗନବାଡି କର୍ମୀ ଓ ସମସ୍ତ ଆଇସିଡିଏସ କର୍ମୀ ମାନଙ୍କ କାଯ୍ୟକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆହୁରି କିପରି କ୍ରିୟାଶୀଳ କରି ପ୍ରତ୍ୟେକ ହିତାଧିକାରୀ ଙ୍କ ପାଖକୁ ସେବା ପହଂଚା ଯାଇପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ କାୟ୍ୟକ୍ରମରେ ଯୋଗ ଦେଇ ଏହି ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ର ସମସ୍ତ ଥିମକୁ ଯେପରି ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ କାଯ୍ୟକାରୀ କରାଯାଇ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଡାଃ ମୀନକେତନ ମହାନ୍ତି, ସିନିୟର କନ୍ସଲଟାଣ୍ଟ, ମେଡିସିନ ଯୋଗ ଦେଇ ମେଧବହୁଳତାର କାରଣ, ମେଧବହୁଳତା ହ୍ରାସ ପାଇଁ ସ୍ୱସ୍ଥ ଜୀବନଶୈଳୀର ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ସମାଜ ଉପରେ ମେଧବହୁଳତାର ପ୍ରଭାବ ଓ ଖାଦ୍ୟରେ ଚିନି, ଲୁଣ, ଓ ତେଲର ବ୍ୟବହାର କମ କରି ଏହାକୁ ପ୍ରତିରୋଧ କରାଯାଇପାରିବ ବୋଲି ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରିଣୀ ଉର୍ମିଳା ଗୋଛାୟାତ ପୁରୁଷଙ୍କ ସହଭାଗୀତା: ସୁସ୍ଥ ମା ଓ ଶିଶୁ ପାଇଁ ପରିବାରରେ ପୁରୁଷଙ୍କ ସହଭାଗିତା, ସ୍ୱସ୍ଥ ପରିବାର ଗଠନରେ ପୁରୁଷଙ୍କ ଭୂମିକା ମହିଳାଙ୍କ ସହ ସମାନ ଗୁରୁତ୍ୱପୂର୍ଣ୍ଣ ଓ ପୁରୁଷଙ୍କ ସହଭାଗିତା ଦ୍ୱାରା ମାତୃ ଓ ଶିଶୁ କଲ୍ୟାଣରେ ଦ୍ରୁତ ପରିବର୍ତନ ସମ୍ଭବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲୀ ମିତ୍ର ପ୍ରାରମ୍ଭିକ ଅଭିଭାଷଣ ଦେବା ସଙ୍ଗେ ସଙ୍ଗେ ଆଦ୍ୟ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ୦-୩ ବର୍ଷର ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା ଏବଂ ପୋଷଣ ବି ପଢ଼ାଇ ବି ମାଧ୍ୟମରେ ପ୍ରତିଟି ଶିଶୁକୁ ଉତମ ପୋଷଣ ସହ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଚନ୍ଦ୍ରା ସାହୁ ନବଜାତ ଓ ଶିଶୁଙ୍କୁ ଉତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ ଖାଦ୍ୟଭାସ ଏବଂ ସ୍ୱଦେଶୀ ପାଇଁ ସ୍ୱର - ସ୍ଥାନୀୟ ପୌଷ୍ଟିକ ଖାଦ୍ୟ: ସୁସ୍ଥ ସମାଜ ଗଠନରେ ଭୋକଲ ଫର ଲୋକାଲ , ସ୍ୱଦେଶୀ ପଦାର୍ଥ ବ୍ୟବହାରର ଗୁରୁତ୍ୱ ଓ ତାର ଉପକାରିତା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସଂଯୋଜକ ପୋଷଣ ଏସକେ ସିରାଜ ଅକ୍ତର ସମନ୍ୱିତ କାର୍ଯ୍ୟପଦ୍ଧତି:ସାମାଜିକ କଲ୍ୟାଣ ପାଇଁ ଏକ ନୂଆ ପଦକ୍ଷେପ ଓ ଡିଜିଟାଲିକରଣର ଗୁରୁତ୍ୱ: ସେବା ପ୍ରଦାନରେ ସହଜତା ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ଜିଲ୍ଲାପାଳ ଭଦ୍ରକଙ୍କ କରକମଳରୁ ବିତର୍କ , ରଚନା ଓ କୁଇଜ ପ୍ରତିଯୋଗିତାର ବିଜେତା ପ୍ରତିଯୋଗୀ ମାନେ ପୁରସ୍କୃତ ହୋଇଥିଲେ । ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ରେ ସର୍ବାଧିକ କାୟ୍ୟକ୍ରମ କରି ଭଦ୍ରକ ଆଇସିଡିଏସ, ଧାମନଗର ଆଇସିଡିଏସ ଏବଂ ଭଣ୍ଡାରୀପୋଖରୀ ଆଇସିଡିଏସ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ, ଆଇସିଡିଏସ ସୁପରଭାଇଜର, ବ୍ଲକ କୋଡିନେଟର ପୋଷଣ, ଅଙ୍ଗନବାଡି କର୍ମୀ, ସୁଭଦ୍ରା ହେଲପଡେସ୍କ ଏବଂ କିଶୋରୀ ବାଳିକା ମାନେ ଯୋଗଦାନ କରିଥିଲେ । ସମସ୍ତ ଆଇସିଡିଏସ ସେମାନଙ୍କର ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥର ପ୍ରଦର୍ଶନ କରିଥିଲେ । ସର୍ବଶେଷରେ ପ୍ରୋଗ୍ରାମ ଅଫିସର ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ ଏବଂ ସଭା ସାଂଘ କରାଯାଇଥିଲା ।

## ଲୋଇସିଂହା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସେମିନାର

ବଲାଙ୍ଗୀର,୧୫/୧୦(ନି/ପ୍ର): ଲୋଇସିଂହା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଆଦିବାସୀ ହରିଜନ ଉଚ୍ଚବିଦ୍ୟାଳୟ କେଉଁଟିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉଦ୍ଧୁ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ଭୋଇ, ବିଜ୍ଞାନ ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର, ବିଜ୍ଞାନ ଆବାହକ ହେମନ୍ତ କୁମାର ବାରିକ, ପର୍ଶୁରାମ ସୁନା, ଅବସରପ୍ରାପ୍ତ ଶିକ୍ଷକ ଚିତରଞ୍ଜନ ତ୍ରିପାଠୀ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ସିଆରସିସି ସୁରେଶ ଚନ୍ଦ୍ର ଭୋଇ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତିଲାଲ୍ ନନ୍ଦ ଯୋଗ ଦେଇଥିଲେ।

# ଚକୁଲିଫାର୍ମ ନିକଟରେ ବୟସ୍କ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା




ଅତାବିରା,୧୫/୧୦(ନି/ପ୍ର): ଅତାବିରା ଥାନା ବକୁଲିଫାର୍ମ ନିକଟ ସତୀଜୋରଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଗଳାକାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ବରଗଡ଼ ଜିଲ୍ଲା ବରାହଗୋଡା ଗ୍ରାମର ମହାଦେବ ସାହୁ (୫୫)। ମହାଦେବ ସମ୍ୱଲପୁର ଯାଉଛି ବୋଲି ଘରୁ କହି ବାହାରକୁ ଯାଇଥିଲେ। ଏହାପରେ ସେ ଶନିବାର ବଳନ୍ଧିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥଲେ। ଏନେଇ ପ୍ରମୋଦଙ୍କ ସ୍ତ୍ରୀ ତାଙ୍କ ଅତାବିରା ଥାନା ସରଣ୍ଡା ଗ୍ରାମରେ ରହୁଥିବା ତାଙ୍କ ଭାଇ ପ୍ରମୋଦ ଗଡତିଆଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ସକାଳେ ଖୋଜାଖୋଜି କଲାପରେ ଚକୁଲିଫାର୍ମଠାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇ ସେଠାରେ ସେ ତାଙ୍କ ଭିଣୋଇ ମହାଦେବ ସାହୁ ବୋଲି ଚିହ୍ନି ଅତାବିରା ଥାନାରେ ଏତଲା ଦେଇଥିଲେ। ପ୍ରାପ୍ତ ସୂଚନା ଅନୁସାରେ ଗତ ଶନିବାର ଦିନ ଦିନବେଳା ମହାଦେବ ସମ୍ୱଲପୁର ଯାଉଛି ବୋଲି ଘରୁ କହି ବାହାରକୁ ଯାଇଥିଲେ। ଏହାପରେ ସେ ଶନିବାର ବଳନ୍ଧିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥଲେ। ଏନେଇ ପ୍ରମୋଦଙ୍କ ସ୍ତ୍ରୀ ତାଙ୍କ ଅତାବିରା ଥାନା ସରଣ୍ଡା ଗ୍ରାମରେ ରହୁଥିବା ତାଙ୍କ ଭାଇ ପ୍ରମୋଦ ଗଡତିଆଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ସକାଳେ ଖୋଜାଖୋଜି କଲାପରେ ଚକୁଲିଫାର୍ମଠାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇ ସେଠାରେ ସେ ତାଙ୍କ ଭିଣୋଇ ମହାଦେବ ସାହୁ ବୋଲି ଚିହ୍ନି ଅତାବିରା ଥାନାରେ ଏତଲା ଦେଇଥିଲେ । ଘଟଣା ସମ୍ପର୍କରେ ସୂଚନାପାଇ ଅତାବିରା ପୁଲିସ ଓ ସମ୍ୱଲପୁର ସାଇଟିଂଫିକ ଦଳ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ ଜାରିରଖିଛନ୍ତି।

# ଓଭର ବ୍ରିଜ୍ ତଳୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ, ହତ୍ୟା ସନ୍ଦେହ



ବରଗଡ଼,୧୫/୧୦(ନି/ପ୍ର): ବରଗଡ଼ ଟାଉନ ଥାନା ଅଚଂଳର ଜମୁର୍ଡା ଓଭର ବ୍ରିଜ୍ ତଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ହତ୍ୟା ସନ୍ଦେହ କରାଯାଉଛି। ବ୍ୟକ୍ତି ଜଣକ ହେଉଛନ୍ତି ଜମୁର୍ଡା ଗାଁ ଟାଙ୍ଗରପଡ଼ାର ଭୀମ ବିଶାଲ ବୋଲି ଜଣା ପଡ଼ିଛି । ବରଗଡ଼ ଟାଉନ ଥାନା ଅଚଂଳର ଜମୁର୍ଡା ଓଭର ବ୍ରିଜ୍ ତଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ହତ୍ୟା ସନ୍ଦେହ କରାଯାଉଛି। ବ୍ୟକ୍ତି ଜଣକ ହେଉଛନ୍ତି ଜମୁର୍ଡା ଗାଁ ଟାଙ୍ଗରପଡ଼ାର ଭୀମ ବିଶାଲ ବୋଲି ଜଣା ପଡ଼ିଛି । ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହି ରକ୍ତସ୍ରାବ ହେଉଥିବାରୁ କେହି ଦୁର୍ବୃନ୍ନ ତାଙ୍କୁ ପିଟିପିଟି ହତ୍ୟା କରିଥିବା ସନ୍ଦେହ କରିଛନ୍ତି ସ୍ଥାନୀୟ ଲୋକେ । ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହି ରକ୍ତସ୍ରାବ ହେଉଥିବାରୁ କେହି ଦୁର୍ବୃତ ତାଙ୍କୁ ପିଟିପିଟି ହତ୍ୟା କରିଥିବା ସନ୍ଦେହ କରିଛନ୍ତି ସ୍ଥାନୀୟ ଲୋକେ ।ତେବେ ଘଟଣାସ୍ଥଳକୁ ପୁଲିସ ପହଚିଂ ତଦନ୍ତ ଆରମ୍ଭ କରିଛି ।




# ସୁନା ତିଆରି ସାରଙ୍ଗ ଧନୁ ଅଯୋଧ୍ୟା ପଠାଇବାକୁ ପ୍ରସ୍ତୁତି



ରାଉରକେଲା,୧୫/୧୦(ନି/ପ୍ର): ସୁନାରେ ପ୍ରସ୍ତୁତ କରାଯାଉଥିବା ସାରଙ୍ଗ ଧନୁ କୁ ଅଯୋଧାର ରାମମନ୍ଦିରକୁ ପଠାଇବା ପ୍ରସ୍ତୁତି ଆରମ୍ଭ ହୋଇଛି । ଏସମ୍ପର୍କରେ ସନାତନ ଜାଗରଣ ମଂଚର ଅଧକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇ କହିଛନ୍ତି ଯେ ଅଯୋଧା ରାମ ମନ୍ଦିରର ମହାସଚିବ ଶ୍ରୀ ଚମ୍ପତ ରାୟଙ୍କ ଅନୁମତି କ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ । ଏହି ଧନୁ ର ଲମ୍ୱା ୮ ଫୁଟ ଓ ସାଢେ ୩ ଫୁଟ ଚଉଡ଼ା ବିଶିଷ୍ଟ ହୋଇଛି । ସମ୍ପ୍ରତି ଏହା ତାମିଲନାଡୁର କାଂଚିପୁରମ ର ୪୦ ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏଥିରେ ୧ କେଜି ସୁନା ବ୍ୟବହୃତ ହୋଇଛି । ଆସନ୍ତା ଜାନୁଆରୀ ମାସ ୨୦ ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଚିଂବ । ଏହି ଧନୁଷ ତିଆରିରେ ପ୍ରାୟ ୬ ରୁ ୮ କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ସହିତ ଏହି ଧନୁଷ ରେ ବୀର ସୈ ।ର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍ ମାନଙ୍କ ନାମ ଖୋଦାଇ କରାଯିବ । ଏହି କାର୍ଯ୍ୟ ସମାପନ ପରେ ଧନୁଷ କୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧା ଶ୍ରୀରାମ ମନ୍ଦିର ର ମହାସଚିବ ଶ୍ରୀ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ । ସେହିପରି ଅପରେସନ ସିନ୍ଦୂର ର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲ ରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ପରଲୋକ

ବଣାଇଁଗଡ଼,୧୫/୧୦(ନି/ପ୍ର): ପରଲୋକରେ ପୂର୍ବତନ ବଣାଇ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର । ୯୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ସେ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ଥିଲେ । ଲହୁଣୀପଡ଼ା ବ୍ଲକ୍ ଖୁଟାଂଗାଁ ନୂଆଡ଼ିହି ସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି । ହେମେନ୍ଦ୍ରଙ୍କ ବିୟୋଗରେ ସ୍ଥାନୀୟ ଅଂଚଳ ଏବଂ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି । ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ଲୋକ ଘରେ ପହଚିଂଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ବଣାଇ ନିର୍ବାଚନ ମଣ୍ଡଳୀରେ ତିନି ଥର ବିଧାୟକ ଥିଲେ ହେମେନ୍ଦ୍ର ପ୍ରସାଦ ମହାପାତ୍ର । ସେ ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ତିନି ଥର ବଣାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ବହୁ ବିଶିଷ୍ଟ ଲୋକ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା



ବଣାଇ ନିର୍ବାଚନ ମଣ୍ଡଳୀରେ ତିନି ଥର ବିଧାୟକ ଥିଲେ ହେମେନ୍ଦ୍ର ପ୍ରସାଦ ମହାପାତ୍ର । ସେ ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ତିନି ଥର ବଣାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ବହୁ ବିଶିଷ୍ଟ ଲୋକ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ବହୁ ବିପଦପୂର୍ଣ୍ଣ ସ୍ଥିତିରେ ରେଳ ଜଙ୍କସନ୍ ପାର ହେଉଛନ୍ତି ଛାତ୍ରଛାତ୍ରୀ

ରାଉରକେଲା,୧୫/୧୦(ନି/ପ୍ର): ଦକ୍ଷିଣ - ପୂର୍ବ ରେଳପଥର ରାଉରକେଲା ଏକ ପ୍ରମୁଖ ଜଙ୍କସନ୍ ହୋଇଥିଲା ବେଳେ, ରାଉରକେଲା ଷ୍ଟେସନ ନିକଟରୁ ପ୍ରାୟ ୧ କିଲୋମିଟର ଦୂର ପଶ୍ଚିମ ଦିଗରେ ଅବସ୍ଥିତ ଡେଲି ମାର୍କେଟ ନିକଟରେ ରେଳ ଜଙ୍କସନର ରେଳ ଲାଇନକୁ ପାର ହେଉଛନ୍ତି ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକ, ରେଳ କର୍ମଚାରୀ, ବ୍ୟବସାୟୀ, ଗୋପବନ୍ଧୁପାଲ୍ଲି ଏବଂ ମଧୁସୂଦନପାଲି ବାସିନ୍ଦା । ରାଉରକେଲା ରେଳଷ୍ଟେସନ୍ ଠାରୁ ଆସିଥିବା ପାଚେରୀ ଏଠାରେ ଶେଷ ହୋଇଥିବା ବେଳେ ଏହାକୁ ଲାଗି ରହିଛି ସହରର ଡେଲି ମାର୍କେଟ୍ ଅଂଚଳ । ଡେଲି ମାର୍କେଟ ଅଂଚଳ ହେଉଛି ସହରର ମୁଖ୍ୟ ପରିବା ଗୋଦାମ ସମେତ ମାଛ ଗୋଦାମ ଏବଂ ରାସନ ସାମଗ୍ରୀ ଗୋଦାମ । ଏଥିସହିତ ଡେଲି ମାର୍କେଟ ଅଂଚଳରେ ରହିଛି ସିଟି ହାଇସ୍କୁଲ । ଏହି ସିଟି ହାଇସ୍କୁଲରେ ପାଠ ପଢନ୍ତି ରେଳ କର୍ମଚାରୀଙ୍କ ପିଲା ଏବଂ ରେଲୱେ କଲୋନୀ ପିଲାଙ୍କ ସମେତ ମଧୁସୂଦନପାଲି, ଗୋପବନ୍ଧୁପାଲ୍ଲି, ଟିମ୍ବର୍ କଲୋନୀର ପିଲାମାନେ । ରାଉରକେଲା ସହରର ମୁଖ୍ୟ ରାସ୍ତାରୁ



ଏକ ରାସ୍ତା ବାହାରି ଡେଲି ମାର୍କେଟ ବଜାର ଭିତର ଦେଇ ଏହି ରେଳ ଜଙ୍କସନ ପାଖରେ ଶେଷ ହୋଇଛି । ପଶ୍ଚିମ ପାଖକୁ ରହିଛି ରେଳ ଓ୍ୱାଶିଂ ସେଡ୍ ଏବଂ ଆଗକୁ ରହିଛି ବହୁତ ଗୁଡାଏ ରେଳ ଲାଇନ୍ । ଏହି ରେଳ ଲାଇନକୁ ବିପଦପୂର୍ଣ୍ଣ ସ୍ଥିତିରେ ଦିନରାତି ପାର ହେଉଛନ୍ତି ହଜାର ହଜାର ଲୋକଙ୍କ ସମେତ ଡେଲି ମାର୍କେଟ ସିଟି ସ୍କୁଲର ଛାତ୍ରଛାତ୍ରୀ । ଅଧିକାଂଶ ସମୟରେ ଏଠାରେ ରେଳ ଲାଇନ୍ ପାର ହେଉଥିବା ବେଳେ ଦୁର୍ଘଟଣା ଘଟି କେତେକ ଲୋକଙ୍କ ଜୀବନ ମଧ୍ୟ ଯାଉଛି । କିନ୍ତୁ ରେଳ ବିଭାଗର ଏଥିପ୍ରତି କୌଣସି ନିଘା ନାହିଁ ବୋଲି ପ୍ରତୀୟମାନ ହେଉଛି । ଏହି ବିପଦପୂର୍ଣ୍ଣ ସ୍ଥିତିକୁ ଏଡାଇବା ପାଇଁ ରେଳ ବିଭାଗ ପକ୍ଷରୁ ଏଠାରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବା ପାଇଁ ଦାବି ହେଉଛି । ରେଳ ବିଭାଗ ଯତ୍ନବାନ୍ ହୋଇ ଯଥାଶିଘ୍ର ଏଠାରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଇଲେ ବିପଦପୂର୍ଣ୍ଣ ସ୍ଥିତିକୁ ଏଡାଇ ଯାଇପାରନ୍ତା ।

# ଛଟ୍ ପୂଜା ପ୍ରସ୍ତୁତିକୁ ନେଇ ମହାନଗର ନିଗମ ପକ୍ଷରୁ ବିଭିନ୍ନ ଘାଟ ସଫେଇ ଆରମ୍ଭ



ରାଉରକେଲା,୧୫/୧୦(ନି/ପ୍ର): କେନ୍ଦ୍ରୀୟ ଛଟ ପୂଜା କମିଟିର ଅନୁରୋଧକୁ ଗ୍ରହଣ କରି ରାଉରକେଲା ମହାନଗର ନିଗମ ପକ୍ଷରୁ ରାଉରକେଲା ବିଧାୟକଙ୍କ ପରାମର୍ଶରେ ଛଟ ପୂଜା ପ୍ରସ୍ତୁତିକୁ ନେଇ ବିଭିନ୍ନ ନଦୀ ଘାଟ ଏବଂ ପୋଖରୀ ଘାଟ ସଫା କରିବା ଆରମ୍ଭ କରାଯାଇଛି । ଆଜି ପାନପୋଷ ବ୍ରାହ୍ମଣୀ ନଦୀର ହନୁମାନ ମନ୍ଦିର ଘାଟ ସଫା କରିବା ଆରମ୍ଭ କରାଯାଇଛି । ସେଠାରେ ଆଜି ନଡ଼ିଆ ଭାଙ୍ଗି ଜେସିବି ସାହାଯ୍ୟରେ ସଫା କରିବା ଆରମ୍ଭ କରାଯାଇଛି । ଏଥିପାଇଁ କେନ୍ଦ୍ରୀୟ ଛଟ ପୂଜା କମିଟିର ସଂଯୋଜକ କୃଷ୍ଣ ସାହୁ ରାଉରକେଲା ବିଧାୟକ ଏବଂ ରାଉରକେଲା ପୌର ନିଗମକୁ ଧନ୍ୟବାଦ ଜଣାଇଛନ୍ତି । ଅଜୟ ସାହୁ, ଯିଏ ସୋସିଆଲ ମିଡିଆରେ ପ୍ରଶାସନକୁ ଘାଟ ସଫା କରିବା ପାଇଁ ଅନୁରୋଧ କରିଥିଲେ, ସେ ମଧ ପ୍ରଶାସନ ଏବଂ ବିଧାୟକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ଓପି ସିଂହ, ଜିତୁ ରାୟ, ଓମ୍ ପ୍ରକାଶ ଏବଂ ସର୍ଦ୍ଦାର ସିଂହ ମଧ ଉପସ୍ଥିତ ଥିଲେ । ଛଟ ପୂଜା ଅକ୍ଟୋବର ୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୨୮ରେ ଶେଷ ହେବ । ଛଟ ପୂଜାର ପ୍ରଥମ ଅର୍ଘ୍ୟ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅକ୍ଟୋବର ୨୭ ସନ୍ଧ୍ୟାରେ ଅର୍ପଣ କରାଯିବାକୁ ଥିବା ବେଳେ, ଦ୍ୱିତୀୟ ଅର୍ଘ୍ୟ ଉଦୟଗାମୀ ସୂର୍ଯ୍ୟଙ୍କୁ ଅକ୍ଟୋବରରେ ୨୮ ତାରିଖ ସକାଳେ ପ୍ରଦାନ କରାଯିବ ।

# ଦୀପାବଳି ପୂର୍ବରୁ ସହରର ମୁଖ୍ୟ ରାସ୍ତା ଅବରୋଧ



ରାଉରକେଲା,୧୫/୧୦(ନି/ପ୍ର): ଦୀପାବଳି ପୂର୍ବରୁ ରାଉରକେଲା ସହରର ମୁଖ୍ୟ ରାସ୍ତା ଅବରୋଧ ହୋଇଛି । ଫୁଟପାଥକୁ ବ୍ୟବସାୟୀମାନଙ୍କ ଦ୍ୱାରା ଜବରଦଖଲ ଯୋଗୁଁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି । ରାଉରକେଲା ସହର ସ୍ମାର୍ଟ ସିଟିର ମାନ୍ୟତା ପାଇଥିଲେ ମଧ ସହର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ମାର୍ଟ ସହର ହୋଇପାରି ନାହିଁ । ଧନତେରାସ୍ କିଛି ଦିନ ବାକି ଥିବାବେଳେ ଦୀପାବଳି ଏବଂ ଧନତେରାସ୍ ଅବସରରେ, ଗୃହିଣୀ, ମହିଳା, ଝିଅ ଏବଂ ଲୋକମାନେ ସହରର ମୁଖ୍ୟ ରାସ୍ତା, ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଡେଲି ମାର୍କେଟ, ପ୍ଲାଂଟ ସାଇଟ୍ ମାର୍କେଟରେ କିଣାକିଣି କରିବାକୁ ଆସିଛନ୍ତି । ବିଶେଷକରି ସହରର ମୁଖ୍ୟ ବଜାର, ଡେଲି ମାର୍କେଟରେ ସକାଳ ଠାରୁ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଛି । କିଛି ସମୟ ପାଇଁ ଟ୍ରାଫିକ୍ ବ୍ୟବସ୍ଥାରେ ବିଫଳ ଦେଖାଯାଇଥିଲା ବେଳେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜାମ୍ ହୋଇଥିଲା । ଏହାର ମୁଖ୍ୟ କାରଣ ହେଲା ଦୋକାନୀମାନେ ଫୁଟପାଥକୁ ଜବରଦଖଲ କରି ସେମାନଙ୍କର ସାମଗ୍ରୀ ରଖିଥିଲେ । ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ପାର୍କିଂ ଯୋଗୁଁ ବିକ୍ରେତାମାନେ ସେମାନଙ୍କ ଗାଡ଼ି ରଖିବା ଯୋଗୁଁ ମୁଖ୍ୟ ରାସ୍ତା ଜାମ୍ ହୋଇଯାଇଥିଲା । ଫଳରେ ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାମର ସାମ୍ନା କରିବାକୁ ପଡିଥିଲା । ଏହା ପରେ, ସ୍ୱାଭାବିକ ଭାବରେ ନିୟୋଜିତ ଟ୍ରାଫିକ୍ ଅଧିକାରୀ ଏବଂ ଟ୍ରାଫିକ୍ ପୋଲିସଙ୍କ ଦ୍ୱାରା ରାସ୍ତା ସ୍ୱାଭାବିକ ହୋଇଥିଲା । ଏହି ପରିସ୍ଥିତି ପ୍ରତିଦିନ ଦେଖାଯାଉଛି । ଦୀପାବଳି ଏବଂ ଧନତେରାସକୁ ଆଖି ଆଗରେ ରଖି, ଟ୍ରାଫିକ୍ ପୋଲିସର ଉଚ୍ଚ ପଦାଧିକାରୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ସହରର ମୁଖ୍ୟ ରାସ୍ତା, ଡେଲି ମାର୍କେଟ ଏବଂ ଅନ୍ୟାନ୍ୟ ବ୍ୟସ୍ତବହୁଳ ବଜାରରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଚିତ । ଫୁଟପାଥରୁ ଜବରଦଖଲ ହଟାଇବା ଉପରେ ମଧ ବିଶେଷ ଧ୍ୟାନ ଦିଆଯିବା ଉଚିତ । ଏହା ଫଳରେ ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ ହୋଇପାରିବ । ଲୋକମାନେ ଏହା ମଧ କୁହନ୍ତି ଯେ ଦୀପାବଳି ସମୟରେ ଟ୍ରାଫିକ୍ ବ୍ୟବସ୍ଥା ଠିକ୍ ରହିବା ଉଚିତ ଯାହା ଦ୍ୱାରା ପଦଯାତ୍ରୀ ଏବଂ ବୟସ୍କ ଲୋକମାନେ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ।

# ସ୍ୱର୍ଗତଃ ରମେଶ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା,୧୫/୧୦(ନି/ପ୍ର): ଇସ୍ପାତ ସହରର ସେକ୍ଟର-୨୦ ପମ୍ପ ହାଉସ୍ ନିକଟସ୍ଥ ପାହାଡ଼ ଉପରେଥିବା ବାବା ଜଲେଶ୍ୱର ମନ୍ଦିରରେ ସ୍ୱର୍ଗତଃ ସମାଜସେବୀ ରମେଶ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତଃ ରମେଶ ପାତ୍ରଙ୍କ କନ୍ୟା ରଶ୍ମିତା ମାଝୀ ଏବଂ ଜ୍ୱାଇଁ ପ୍ରଶାନ୍ତ କୁମାର ମାଝୀଙ୍କ ସମେତ ରବିନ୍ଦ୍ର କୁମାର ନାୟକ, ଜଗବନ୍ଧୁ ଗାୟନ, ସନ୍ତୋଷ ପ୍ରଧାନ, ଅବିନାଶ ପୁହାଣ, ଅମୀୟ କୁମାର ମହାରଣା, ଦିଲୀପ ଶର୍ମା, ସସ୍ମିତା ଦାସ, କେ ଲକ୍ଷ୍ମୀ, ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ରମେଶ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତଃ ରମେଶ ପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ବାବା ଜଲେଶ୍ୱର ମନ୍ଦିର ପରିସରରେ ଏକ ଭୋଜିର ଆୟୋଜନ କରାଯାଇଥିଲା । ସ୍ୱର୍ଗତଃ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶତାଧିକ ପମ୍ପ ହାଉସ୍ ଏବଂ ଆଖପାଖ ଅଂଚଳର ଲୋକ ଏଥିରେ ପ୍ରସାଦ ସେବନ କରିଥିଲେ ।

# ସୁର ତରଙ୍ଗର ମାସିକ ସଙ୍ଗୀତ କାର୍ଯକ୍ରମ

ରାଉରକେଲା,୧୫/୧୦(ନି/ପ୍ର): ରାଉରକେଲା ସହରର ଜଣାଶୁଣା ସାମାଜିକ ସଂସ୍ଥା ସେୟାର ର ସୁର ତରଙ୍ଗ ପକ୍ଷରୁ ଓଡ଼ିଆ ସଙ୍ଗୀତ ଜଗତର ଅବିସ୍ମରଣୀୟ ସ୍ୱର ସାଧକ ଅକ୍ଷୟ ମହାନ୍ତିଙ୍କ ଜନ୍ମଦିନ ଉପଲକ୍ଷେ "ଅକ୍ଷୟ ମହାନ୍ତି ସ୍ପେଶାଲ୍ ସଙ୍ଗୀତ କାର୍ଯକ୍ରମ" ରାଉରକେଲା କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ଗୀତିକାର, ଅଭିନେତା ତଥା ଆଙ୍କର ଅତୁଲ୍ୟ କୁମାର ମହାକୁଡ ଅତିଥି ଭାବେ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ମହାକୁଡ଼ ଅକ୍ଷୟ ମହାନ୍ତିଙ୍କ ସହ କାମ କରିଥିଲେ । ହିନ୍ଦୀ ଏବଂ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଅନେକ ସୁପ୍ରସିଦ୍ଧ ଗୀତ ରଚନା କରିଛନ୍ତି । ସେ ୟେଶୁଦକ୍ଷସ, ଅକ୍ଷୟ ମହାନ୍ତି, ସିକନ୍ଦର ଆଲମ୍, ହେମଲତା ଇତ୍ୟାଦି ଗାୟକଙ୍କ ପାଇଁ ଗୀତ ଲେଖିଛନ୍ତି ଓ "ମନ ମନ୍ଦିର", "ବତାସି ଝଡ଼", "ପର ଝିଅ ଘର ଭାଙ୍ଗେନା", "କୁରୁକ୍ଷେତ୍ର" ପରି ଚଳଚ୍ଚିତ୍ର ପାଇଁ ସ୍ମରଣୀୟ ଗୀତ ରଚନା କରିଛନ୍ତି । କାର୍ଯ୍ୟକ୍ରମଟି ମା ଙ୍କ ବନ୍ଦନା ଓ ଜଗନ୍ନାଥ ଭଜନରୁ ଆରମ୍ଭ ହୋଇଥିଲା । ଏହା ପରେ ସୁର ତରଙ୍ଗର ସ୍ଥାପକ ଦିଲୀପ କୁମାର ପରିଡା ସଂସ୍ଥାର ଆଗାମୀ ସଙ୍ଗୀତ ଅନୁଷ୍ଠାନ ଓ ଆଗାମୀ ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସୁରତରଙ୍ଗ ପରିବାରର ଲୀନା ସେନାପତି, ଶୁଭସ୍ମିତା ଦାସ, ବନୋଜ ଦାସ, ଝରଣା ମିଶ୍ର, ନିବେଦିତା ବେହେରା, ବିମଳ ସାହୁ, ବିମଳ ପଟ୍ଟନାୟକ, ମୀନା ପଟ୍ଟନାୟକ, ମନୋଜ ମହାନ୍ତ, ଦିଲୀପ କୁମାର ପରିଡା, ବିଶ୍ୱଜିତ ଲେଙ୍କା, ନିବେଦିତା ସ୍ୱାଇନ, ମନୋଜ ସାହା, ବସନ୍ତ ସ୍ୱାଇଁ, ଜଗନ୍ନାଥ ସାହୁ, ଇତି ପଟ୍ଟନାୟକ ପ୍ରମୁଖ ଅକ୍ଷୟ ମହାନ୍ତିଙ୍କ ସୁପ୍ରସିଦ୍ଧ ଗୀତ ଗାଇ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସହରର ପ୍ରସିଦ୍ଧ ଗାୟିକା ବକ୍ଷସଦନା ମହାନ୍ତି, ସେୟାର ର ସଂଯୁକ୍ତ ସାଂସ୍କୃତିକ ସଚିବ ଅନୁରୋଧ ସାହୁ, ମିଡିଆ ସଂଯୋଜକ ଶଶାଙ୍କ ପଟ୍ଟନାୟକ, ଉପଦେଷ୍ଟା ସୁରେଶ ରାଉତରାୟ ଓ ଡାକ୍ତର ସତ୍ୟନାରାୟଣ ମିଶ୍ର ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବିମଳ ସାହୁ ଓ ଡା. ସତ୍ୟନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନା ରେ ଏହି କାର୍ଯ୍ୟକ୍ରମଟି ବେଶ୍ ଉପଭୋଗ୍ୟ ହୋଇପାରିଥିଲା ।

## ୬୮ କିଲୋଗ୍ରାମ ଗଞ୍ଜେଇ ସହିତ ୧ ମହିଳାଙ୍କ ସମେତ ୩ ଗିରଫ

# ୩ଟି କାର ଓ ୨ଟି ମୋଟରସାଇକେଲ ଜବତ

ସୁନ୍ଦରଗଡ଼,୧୫/୧୦(ନି/ପ୍ର):ସୁନ୍ଦରଗଡ଼ ଟାଉନ୍ ପୋଲିସ ପକ୍ଷରୁ ମଙ୍ଗଳବାର ଦିନ ସେମିନାରୀ ଅଂଚଳର ଭବାନୀପୁର ସ୍ପୋର୍ଟ୍ସ ହଷ୍ଟେଲ ପଛପଟେ ଥିବା ଏକ ଘରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏହି ଚଢାଉ ସମୟରେ ପ୍ରାୟ ୬୮ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହିତ ଜଣେ ମହିଳାଙ୍କ ସମେତ ତିନି ଜଣଙ୍କୁ ଗିରଫ କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗିରଫ ଅଭିଯୁକ୍ତମାନେ ହେଲେ ଜଣେ ମହିଳା ସହଯୋଗୀଙ୍କ ସମେତ କୁତ୍ରା ଥାନା ଅଂଚଳର ଅଜିତ ଓରାମ (୩୦) ଏବଂ ସନ୍ଦୀପ ଖାଲଖୋ (୩୨) ବୋଲି ଚିହ୍ନଟ କରାଯାଇଛି । ପୋଲିସ ଚୋରା ଗଞ୍ଜେଇ ପରିବହନ ପାଇଁ ବ୍ୟବହୃତ ହେଉଥିବା ପଞ୍ଜିକୃତ ନମ୍ବର ଥିବା (ଓଡ଼ ୦୨ ଇଗ ୭୫୪୦), (ଓଡ଼ ୧୭ ଚ ୬୮୧୨) ଏବଂ (ଓଡ଼ ୦୨ ଚଡ ୮୫୪୭) ଥିବା ତିନୋଟି କାରକୁ ମଧ ଜବତ କରିଛି । ସୂଚନା ଅନୁସାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ[ନ ପାଇଁ ଛୋଟ ପାଉଚରେ ପ୍ୟାକ୍ କରିବା ପାଇଁ ଏହି ତିନି ଜଣ ଗଞ୍ଜେଇ ଘରକୁ ଆଣିଥିଲେ । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ଚଢାଉ କରି ସେମାନଙ୍କୁ ଧରିଥିଲା । ଗଞ୍ଜେଇ ଏବଂ କାର ବ୍ୟତୀତ, ଏକ ମୋଟରସାଇକେଲ (ଓଡ଼ ୧୪ ଇଉ ୨୧୨୫) ଏବଂ ଏକ ସ୍କୁଟର (ଓଡ଼ ୧୬ ଘ ୬୨୭୮) ମଧ ସେହି ସ୍ଥାନରୁ ଜବତ କରାଯାଇଛି ।



# ଆରଏସପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦ୍‌ଯାପିତ



ରାଉରକେଲା,୧୫/୧୦(ନି/ପ୍ର): ରାଉରକେଲା ଷ୍ଟିଲ ପ୍ଲାଂଟର କ୍ରୀଡା ବିଭାଗ ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମ ଠାରେ ଆୟୋଜିତ ଆରଏସପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ- ୨୦୨୫ ଅକ୍ଟୋବର ୧୩ ତାରିଖରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଟି ଜି କାନେକର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡା ବିଭାଗର ଷ୍ଟାଫ , ବିଦ୍ୟାଳୟଗୁଡିକର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ । ଶ୍ରେଷ୍ଠ କ୍ରୀଡ଼ା ମନୋଭାବ ତଥା ଦଳଗତ ଭାବନା ପ୍ରଦର୍ଶନ ପାଇଁ ବିଜେତା ତଥା ସମସ୍ତ ଅଂଶଗ୍ରହଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ କାନେକର ପ୍ରତିଯୋଗିତାରେ ପରିଲକ୍ଷିତ ସହଭାଗିତା ଓ ଖେଳୁଆଡ ମନୋଭାବର ଉଚ୍ଚ ପ୍ରଶଂସା କରିଥିଲେ । ସିନିୟର ବାଳକ ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫାଇନାଲ ମ୍ୟାଚରେ ନୀଳଶୈଳ ମହାବିଦ୍ୟାଳୟକୁ ହରାଇ ବିଜେତା ହୋଇଥିଲେ । ସେହିଭଳି ଜୁନିୟର ବାଳକ ବର୍ଗରେ ସେଣ୍ଟ ପଲ ବିଦ୍ୟାଳୟ ଫାଇନାଲରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡା କୁ ୧-୦ ଗୋଲରେ ହରାଇ ବିଜେତା ହୋଇଥିଲେ । ବାଳିକା ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନଏସି ଏସଟି ହାଇସ୍କୁଲକୁ ୧-୦ରେ ପରାସ୍ତ କରି ବିଜେତା ହୋଇଥିଲା । ପ୍ରାରମ୍ଭରେ ଶ୍ରୀ କ୍ରୀଡା ବିଭାଗର, ଉପ ପ୍ରବନ୍ଧକ ଶ୍ରୀ ରଘୁନନ୍ଦନ ପାଢି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କ୍ରୀଡା ବିଭାଗର ଆସିଷ୍ଟାଂଟ ମ୍ୟାନେଜର ଶ୍ରୀ ବି ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ । ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥି କ୍ରୀଡା ପତାକା ଅବତରଣ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟ ସମାପ୍ତି ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ, ସହରାଂଚଳର ୩୭ ଟି ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।